# ସରକାରଙ୍କ ନିର୍ଦ୍ଦେଶ ଅପେକ୍ଷାରେ ପ୍ରଶାସନ

## ୧୯ ଖଣି ଲିଜ୍‌ଧାରୀଙ୍କୁ ୩୧୩.୪ କୋଟି ଜରିମାନା ମାମଲା

ଯାଜପୁର,୨୬।୭ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ଗତ ପ୍ରାୟ ଦୁଇ ଦଶନ୍ଧି ଧରି ମୂଲ୍ୟବାନ କଳାପଥର ଚୋରିକୁ ପ୍ରଶାସନ ନିୟନ୍ତ୍ରଣ କରିପାରିନାହିଁ। ଅନୁମୋଦନଠାରୁ ଢେର ଗୁଣ ଅଧିକ କଳାପଥର ଲୁଟ୍ ଯୋଗୁ ସରକାରଙ୍କ ବିପୁଳ କୋଟି ଟଙ୍କା ରାଜସ୍ୱ ହାନି ହୋଇଛି। ଏନେଇ କେନ୍ଦୁଝର ବିଧାୟକ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୨ ମାର୍ଚ୍ଚରେ ବିଧାନସଭାରେ ପ୍ରଶ୍ନ ଉଠାଇବା ପରେ ଏଠାରେ ସାଟେଲାଇଟ୍ ମାପଚୁପ ଆରମ୍ଭ ହୋଇଥିଲା। ୧୯ ଜଣ ଖଣି ଲିଜ୍‌ଧାରୀ ବେଆଇନ ଉତ୍ତୋଳନ କରିଥିବା ଜଣାପଡିବା ପରେ ସେମାନଙ୍କୁ ୩୧୩ କୋଟି ୪୦ ଲକ୍ଷ ୭୧ ହଜାର ୧୪୩ ଟଙ୍କା ଜରିମାନା ଆଦାୟ ପାଇଁ ନୋଟିସ ହୋଇଛି। ତେବେ ବେଆଇନ ଖଣି ଖନନକାରୀଙ୍କ ବିରୋଧରେ ଏଯାଏ କାହିଁକି କାର୍ଯ୍ୟାନୁଷ୍ଠାନ ଓ ଜରିମାନା ଆଦାୟ ହୋଇପାରିନାହିଁ ବୋଲି ଚଳିତ ବିଧାନସଭାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପ୍ରଶ୍ନ କରିଛନ୍ତି। ତେବେ ନୋଟିସ ପାଇ ଲିଜ୍‌ଧାରୀମାନେ ହାଇକୋର୍ଟରେ ରିଟ୍ ପିଟିଶନ ଫାଇଲ କରିଥିବା ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉତ୍ତର ଦେଇଛନ୍ତି। ଏଭଳିସ୍ଥଳେ ଖଣି ନିର୍ଦ୍ଦେଶାଳୟର ଭୂମିକା ଉପରେ ବିଧାୟକ ସାହୁ ପ୍ରଶ୍ନ ଉଠାଇଛନ୍ତି। ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଉକ୍ତ ମାମଲା ଉପରେ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଧାୟକ ସାହୁ ଖଣି ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କୁ ପ୍ରଶ୍ନ କରିଛନ୍ତି। ମାମଲାକୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଦ୍ଦେଶକ କହିଥିବା ବିଧାୟକ ସାହୁ କହିଛନ୍ତି। ଏହାସହ ବିଧାୟକ ଅଭିଯୋଗ କରିଛନ୍ତି ଯେ, ଖଣି ବିଭାଗର କେତେଜଣ ଅଧିକାରୀ ବେଆଇନ ଖଣି ଖନନକାରୀଙ୍କୁ ଏକପ୍ରକାର ସୁରକ୍ଷା ଯୋଗାଇ ଦେଇ ଆସିଛନ୍ତି। ଏପରି କି ଜରିମାନା ହୋଇଥିବା କେତେଜଣ ଲିଜ୍‌ଧାରୀଙ୍କୁ ପୁଣି ଖନନ ପାଇଁ ଅନୁମତି ଦିଆଯାଇଛି, ଯାହା ଦୁର୍ନୀତିର ଚରମ ସୀମା ବୋଲି ସେ ଅଭିଯୋଗ କରିଛନ୍ତି।

ଲଘୁ ଖଣିଜ ଦ୍ରବ୍ୟ ଚୋରି ନିବାରଣ ପାଇଁ ପ୍ରଶାସନ ପକ୍ଷରୁ ସାଟେଲାଇଟ୍ ମାପଚୁପ ପରେ ଅନୁମୋଦନଠାରୁ ଅଧିକ ଉତ୍ତୋଳନ କରିଥିବା ଲିଜ୍‌ଧାରୀଙ୍କୁ ଜରିମାନା ନିର୍ଦ୍ଦେଶ କରାଯାଇଛି। ଏଥିପାଇଁ ଯାଜପୁର ଉପଜିଲାପାଳ ଓ ଯାଜପୁର ରୋଡ୍ ଡେପୁଟି ଡାଇରେକ୍ଟର ଅଫ୍ ମାଇନ୍ସ (ଡିଡିଏମ୍)ଙ୍କୁ ନେଇ ଜଏଣ୍ଟ ଡିଷ୍ଟ୍ରିକ୍ଟ ଆସେସ୍‌ମେଣ୍ଟ କମିଟି ଗଠନ କରାଯାଇଥିଲା। ଏହିକ୍ରମରେ ୨୦୨୩ ଏପ୍ରିଲରୁ ଲୁଣିବର, ଡଙ୍କାରୀ, ରାହାଡ଼ପୁର, ବରଡ଼ା, ବାଜବାଟୀ, ଆରୁହା, ସାହାଣିଡ଼ିହ, ଅଞ୍ଜିରା ପାହାଡ଼ର ବିଭିନ୍ନ ଖାଦାନରେ ସାଟେଲାଇଟ୍ ମାପଚୁପ କରାଯାଇ ଜରିମାନା ଧାର୍ଯ୍ୟ ହୋଇଥିଲା। ଏଥିରେ ଲିଜ୍‌ଧାରୀ ଚନ୍ଦ୍ରମଣି ପରିଡ଼ାଙ୍କୁ ୧ କୋଟି ୮୭ ଲକ୍ଷ ୯୧ ହଜାର ୪୦ ଟଙ୍କା, ସାବିତ୍ରୀ ପରିଡ଼ାଙ୍କୁ ୧୬ କୋଟି ୫୭ ଲକ୍ଷ ୩୦ ହଜାର ୬୪୩ ଟଙ୍କା, ସରୋଜ କୁମାର ରାଉତଙ୍କୁ ୬୩ କୋଟି ୩୭ ଲକ୍ଷ ୮୯ ହଜାର ୪୦୭ ଟଙ୍କା, ରଞ୍ଜନ କୁମାର ଜେନାଙ୍କୁ ୨୩ କୋଟି ୩୨ ଲକ୍ଷ ୧୮ ହଜାର ୨୪ ଟଙ୍କା, ପ୍ରହଲ୍ଲାଦ ଲେଙ୍କାଙ୍କୁ ୧୫ କୋଟି ୪୦ ଲକ୍ଷ ୬୫ ହଜାର ୯୨୨ ଟଙ୍କା ଓ ୪ କୋଟି ୬୮ ଲକ୍ଷ ୬୭ ହଜାର ୩୪୮ ଟଙ୍କା, ଶ୍ରୀନିବାସ ଜେନାଙ୍କୁ ୫ କୋଟି ୮୬ ଲକ୍ଷ ୪୨ ହଜାର ୪୧୯ ଟଙ୍କା ଓ ୩ କୋଟି ୩୭ ଲକ୍ଷ ୮୦ ହଜାର ୧୩୦ ଟଙ୍କା, ସୁଧାଂଶୁ ଜେନାଙ୍କୁ ୭ କୋଟି ୫୨ ଲକ୍ଷ ୫ ହଜାର ୧୪୦ ଟଙ୍କା, ବିଶ୍ୱରଞ୍ଜନ ପରିଡ଼ାଙ୍କୁ ୯ କୋଟି ୫୫ ଲକ୍ଷ ୮୮ ହଜାର ୪୪ ଟଙ୍କା, ଅଜିତ ସାହୁଙ୍କୁ ୪ କୋଟି ୪୩ ଲକ୍ଷ ୭୨ ହଜାର ୨୭୯ ଟଙ୍କା, ମନୋଜ କୁମାର ସାମଲ ୮ କୋଟି ୬୩ ଲକ୍ଷ ୩୩ ହଜାର ୯୧୯ ଟଙ୍କା, ରାମନିବାସ ଯାଦବ ୪ କୋଟି ୭୬ ଲକ୍ଷ ୯୬ ହଜାର ୯୨୬ ଟଙ୍କା, ଜ୍ୟୋସ୍ନା ଜେନା ୭୯ କୋଟି ୪୬ ଲକ୍ଷ ୧ ହଜାର ୨୨୬ ଟଙ୍କା, ରଙ୍ଗାଧର ପ୍ରଧାନ ୧୬ କୋଟି ୬୮ ଲକ୍ଷ ୬୮ ହଜାର ୯୬୪ ଟଙ୍କା, ଗଙ୍ଗାଧର ଓଝା ୧୯ କୋଟି ୧୫ ଲକ୍ଷ ୧୩ ହଜାର ୩୪୬ ଟଙ୍କା, କୃଷ୍ଣଚନ୍ଦ୍ର ସାହୁ ୧୩ କୋଟି ୩୧ ଲକ୍ଷ ୩୧ ହଜାର ୬୭୦ ଟଙ୍କା, ତ୍ରିନାଥ ଜେନା ୧୦ କୋଟି ୨ ଲକ୍ଷ ୮୬ ହଜାର ୩୮୨ ଟଙ୍କା ଓ ପ୍ରଭାକର ଜେନାଙ୍କୁ ୫ କୋଟି ୩୫ ଲକ୍ଷ ୮୮ ହଜାର ୪୩୧ ଟଙ୍କା ଜରିମାନା ଦେବାକୁ ନୋଟିସ ହୋଇଥିଲା। ତେବେ ସେତେବେଳେ ଉପରୋକ୍ତ ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏହି ନୋଟିସରେ କେବଳ ସୀମିତ ରହିଥିଲା। ଏନେଇ ବିଧାୟକ ବିଧାନସଭାରେ ପ୍ରଶ୍ନ କରିବାରୁ ଖଣି ନିର୍ଦ୍ଦେଶକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କଠାରୁ ନିର୍ଦ୍ଦେଶ ଆସିବା ପରେ ତଦନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଏନେଇ ସେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଲିଜ୍‌ଧାରୀଙ୍କ ରିଟ୍ ପିଟିଶନ ଉପରେ କୌଣସି କାଉଣ୍ଟର ଫାଇଲ ଦାଖଲ ହୋଇନାହିଁ ବୋଲି ନାୟକ କହିଛନ୍ତି।



କଳାପଥର ଖାଦାନ।

# ଦିବ୍ୟାଙ୍ଗ ପରୀକ୍ଷଣ ଶିବିର



ଅଧିକାରୀମାନେ ଦିବ୍ୟାଙ୍ଗମାନଙ୍କ ସାର୍ଟିଫିକେଟ ଯାଞ୍ଚ କରୁଛନ୍ତି।

ରସୁଲପୁର,୨୬।୭(ରଞ୍ଜିତ ରାଉତ)

ଦିବ୍ୟାଙ୍ଗମାନଙ୍କୁ ଉପକରଣ ପ୍ରଦାନ ପାଇଁ ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିବରରେ ୨୮ ପଞ୍ଚାୟତରୁ ଶତାଧିକ ଦିବ୍ୟାଙ୍ଗ ଯୋଗଦେଇ ସେମାନଙ୍କ କାଗଜାଦ୍ ଯାଞ୍ଚ କରିବା ସହ ଆବଶ୍ୟକ ପରାମର୍ଶ ଗ୍ରହଣ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନତି ରାଉତ, ସହାୟିକା ପ୍ରଣତି ଲେଙ୍କା ଯୋଗଦେଇ ଦିବ୍ୟାଙ୍ଗମାନଙ୍କ କାଗଜାଦ୍ ଯାଞ୍ଚ କରିବା ସହ ସେମାନଙ୍କ ନାମ ପଞ୍ଜୀକରଣ କରାଇଛନ୍ତି। ପଞ୍ଜୀକୃତ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ, ହୁଇଲଚେୟାର, କ୍ରଚେସ୍, ୱାକିଂ ଷ୍ଟିକ୍, ରୋଲେଟର, ସିପି ଚେୟାର, ଟିଏଲଏମ କିଟ୍, ବିଟିଇ ହିୟରିଂ ଏଡ୍, ବ୍ରେଲି କେନ, ବ୍ରେଲି କିଟ୍, ବ୍ରେଲି ସଲ୍ଟ, ପିଲାମାନଙ୍କୁ ସ୍ମାର୍ଟ ଫୋନ୍ ଓ ସ୍ମାର୍ଟ କେନ୍ ଆଦି ପ୍ରଦାନ କରାଯିବ।

ଯେଉଁ ଦିବ୍ୟାଙ୍ଗ ବ୍ୟକ୍ତିମାନେ ପୂର୍ବରୁ ହାତଲେଖା ପ୍ରମାଣପତ୍ର ହାସଲ କରିଛନ୍ତି ସେମାନେ ୟୁଡିଆଇଡି ପ୍ରମାଣପତ୍ର ହାସଲ କରିବା ନିମନ୍ତେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ସହ ଯୋଗାଯୋଗ କରି ଅରିଜିନାଲ ୟୁଡିଆଇଡି ପ୍ରମାଣପତ୍ର ହାସଲ କରିବାକୁ ପରାମର୍ଶ ଦିଆଯାଇଛି। ବ୍ଲକ ପକ୍ଷରୁ ଆଉ ଏକ ତାରିଖ ଧାର୍ଯ୍ୟ କରାଯାଇ ପଞ୍ଜୀକୃତ ଦିବ୍ୟାଙ୍ଗମାନଙ୍କୁ ସୂଚନା ପ୍ରଦାନ କରାଯିବ। ଉକ୍ତ ଦିବସରେ ଡାକ୍ତରୀ ଦଳ ଦ୍ୱାରା ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଆବଶ୍ୟକ ସାମଗ୍ରୀ ବ୍ୟବହାର ପାଇଁ ସୁପାରିସ କରାଯିବ। ଉକ୍ତ ସୁପାରିସ ମୁତାବକ ଦିବ୍ୟାଙ୍ଗମାନଙ୍କୁ ଉପକରଣ ପ୍ରଦାନ କରାଯିବ। ଭୁବନେଶ୍ୱରସ୍ଥିତ ଏଏଲଆଇଏମସିଓ ସଂସ୍ଥା ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଉପକରଣ ଯୋଗାଇ ଦିଆଯିବ ବୋଲି ବ୍ଲକ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂସ୍ଥାର ଅଧିକାରୀମାନେ ଯୋଗଦେଇ ଶିବିରକୁ ପରିଚାଳନା କରିଥିଲେ।

# ଟ୍ରେନ୍‌ରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ

ଧର୍ମଶାଳା,୨୬।୭(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ ଅଧୀନ ହରିଦାସପୁର ଓ ଗଡ଼ମଧୁପୁର ରେଳ ଷ୍ଟେଶନ ମଧ୍ୟସ୍ଥଳ ପାଖର ଗ୍ରାମ ନିକଟରେ ଶୁକ୍ରବାର ଏକ୍ସପ୍ରେସ ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାଲେଶ୍ୱର ଜିଲା ନୀଳଗିରି ଥାନା ଶିଖାହାଟ ଅଞ୍ଚଳର ସୁଶାନ୍ତ ପଲେଇ(୨୭)। ସୁଶାନ୍ତ ମୁଜାଫରନଗର ଯାଉଥିବା ଟ୍ରେନରେ ଘରକୁ ଫେରୁଥିଲେ। ସକାଳ ପ୍ରାୟ ୮ଟା୩୦ରେ ଅସାବଧାନତାବଶତଃ ପାଖର ନିକଟରେ ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ିଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶାନ୍ତଙ୍କ ପରିବାର ଲୋକେ ପହଞ୍ଚି ଯାଜପୁର ରୋଡ୍ ଜିଆରପି ନିକଟରେ ଅଭିଯୋଗ କରିଛନ୍ତି। ଜିଆର୍‌ପି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଜିଆର୍‌ପି ଅଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

# ଟିଏସ୍‌ଏଫ୍, ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ନୂତନ ଅଙ୍ଗନୱାଡି ଗୃହ ଲୋକାର୍ପିତ




ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟନୀ ଅବସରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଯାଜପୁର,୨୬।୭(ହର୍ଷବର୍ଦ୍ଧନ ବେହେରା)

ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ଯାଜପୁର ଜିଲା ଦାନଗଦୀ ବ୍ଲକ ସାଳିଜଙ୍ଗା ପଞ୍ଚାୟତର କୁଲାପିଟା ଗ୍ରାମର ବାସିନ୍ଦାଙ୍କୁ ଉନ୍ନତ ଶିକ୍ଷା ଭିତ୍ତିଭୂମି ଯୋଗାଇଦେବା ଉଦ୍ଦେଶ୍ୟରେ ଶୁକ୍ରବାର ନୂତନ ଅଙ୍ଗନୱାଡି ଘର ଲୋକାର୍ପିତ କରାଯାଇଛି। ଏଥିରେ ଏନ୍‌ଆଇଏନ୍‌ଏଲ୍ ସିଇଓ ସୁଧୀର ମେହେତା, ଯାଜପୁର ଜିଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ନନ୍ଦିନୀପ୍ରଭା ଲେଙ୍କା, ସାଳିଜଙ୍ଗା ପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ଦାସ, କୁଲାପିଟା ୱାର୍ଡମେମ୍ବର ଲଙ୍କା ବୁଦୁଲି, ଟିଏସ୍‌ଏଫ୍ ମୁଖ୍ୟ ଆଲେନ ଜୋସେଫ୍‌ଙ୍କ ସମେତ ସ୍ଥାନୀୟ ଅଞ୍ଚଳର କମ୍ୟୁନିଟି ସଦସ୍ୟ ଓ ଟିଏସ୍‌ଏଫ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ। ନୂତନ ଅଙ୍ଗନୱାଡି ଘର ନିକଟବର୍ତ୍ତୀ ଅଞ୍ଚଳର ୧୪୫ ଅନୁସୂଚିତ ଜନଜାତି ପରିବାରର ୨୪ ଜଣ ପିଲାଙ୍କ ଶିକ୍ଷାଗତ ଆବଶ୍ୟକତା ପୂରଣ କରିବ। ଅସ୍ଥାୟୀ ପୁରୁଣା ଅଙ୍ଗନୱାଡି ଘର ଆଜବେଷ୍ଟସ ଛାତ ଥିବାରୁ ବର୍ଷାଦିନେ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବର୍ତ୍ତମାନ ପିଲାମାନଙ୍କୁ ସେହି ସମସ୍ୟା ଭୋଗିବାକୁ ପଡିବ ନାହିଁ। ଅନ୍ୟପକ୍ଷରେ ଟିଏସ୍‌ଏଫ୍‌ର ପବ୍ଲିକ ହେଲ୍‌ଥ ଟିମ୍ ସାଳିଜଙ୍ଗା ପଞ୍ଚାୟତର ୩ ଗାଁ ଭୁବନାଡାହି, ଛୋଟ କୁଲାପିଟା ଓ ବଡ଼କୁଲାପିଟାର ୨୯ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ କରୁଛନ୍ତି। ଏହାସହିତ ଗୋଷ୍ଠୀଭିତ୍ତିକ ପୋଷଣ କାର୍ଯ୍ୟକ୍ରମ ଏବଂ ସଚେତନତା ଅଭିଯାନ ମାଧ୍ୟମରେ ପୁଷ୍ଟିହୀନତାର ମୁକାବିଲା ଉପରେ ଗୁରୁତ୍ୱ ଦିଆଯାଉଛି। ମା' ଏବଂ ପିଲାମାନଙ୍କ ମଧ୍ୟରେ ଖାଦ୍ୟ ଅଭ୍ୟାସରେ ଉନ୍ନତି ଆଣିବା, ଉତ୍ତମ ପୁଷ୍ଟିକର ଫଳାଫଳ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଧର୍ମଶାଳାରେ ଆଳୁ କିଲୋ ୪୫ ଟଙ୍କା

ଧର୍ମଶାଳା,୨୬।୭(ବଟକୃଷ୍ଣ ପରିଡ଼ା)

ରାଜ୍ୟରେ ଏବେ ଆଳୁ ଦର ବେଲଗାମ ହୋଇଛି। ଫଳରେ ଏହାର ସିଧାପ୍ରଭାବ ଖାଉଟିମାନଙ୍କ ଉପରେ ପଡିଛି। ନିର୍ବାଚନପରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ଖାଉଟିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଧର୍ମଶାଳା ଖୁଚୁରା ବଜାରରେ ଆଳୁ କିଲୋ ପ୍ରତି ୪୦ରୁ ୪୫ଟଙ୍କାରେ ବିକ୍ରି ହେଉଛି। ଗତ କିଛି ସପ୍ତାହ ହେବ ଆଳୁ କିଲୋ ପ୍ରତି ୩୦ରୁ ୩୫ଟଙ୍କାରେ ବିକ୍ରି ହେଉଥିଲାବେଳେ ୨ରୁ ୩ଦିନ ହେବ ଆଳୁ ଦର ହଠାତ ବୃଦ୍ଧି ପାଇଛି। ପଶ୍ଚିମବଙ୍ଗରୁ ଆଳୁ ନ ଆସିବା ଫଳରେ ଦର ଅହେତୁକ ବୃଦ୍ଧି ପାଇଥିବା ବ୍ୟବସାୟୀମାନେ କହିଛନ୍ତି। ତେଣୁ ଦର ନିୟନ୍ତ୍ରଣକୁ ଆଣିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଖାଉଟି ମୁରଲୀଧର ବେହେରା, ସଚିତ୍ର ଦାସ ଓ ବ୍ୟବସାୟୀ ସଞ୍ଜୟ କୁମାର ରାଉତ ଦାବି କରିଛନ୍ତି। ସେହିପରି ସରକାର ଦରଦାମ ନିୟନ୍ତ୍ରଣ କରିବାକୁ କଂଗ୍ରେସ ନେତା କିଷାନ ପଣ୍ଡା ମଧ ଦାବି କରିଛନ୍ତି।

# ଭିନ୍ନକ୍ଷମ ଚିହ୍ନଟ ଶିବିର

ଚଣ୍ଡିଖୋଲ,୨୬।୭(ପ୍ରଦୀପ୍ତ କୁମାର ପୃଷ୍ଟି)



ବଡ଼ଚଣା ବ୍ଲକ ପରିସରରେ ଶୁକ୍ରବାର ଭିନ୍ନକ୍ଷମ ଚିହ୍ନଟ ସହ ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ରହିଥିବା ଶାରିରୀକ ଭିନ୍ନକ୍ଷମମାନଙ୍କୁ ସହାୟତା ସାମଗ୍ରୀ ପ୍ରଦାନ ପାଇଁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଡ଼ଚଣା ବ୍ଲକ ପ୍ରଶାସନ ଓ ଆଲମିକୋ ପକ୍ଷରୁ ଶାରିରୀକ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ ସହ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଛି। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭିନ୍ନ ଚନ୍ଦ୍ର ଜେନା ଓ ବିଭିନ୍ନ ବିଭାଗର ଡାକ୍ତରଙ୍କ ସହ ଆଲମିକୋ ସଂସ୍ଥାର ପ୍ରତିନିଧି ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟତଃ ବ୍ୟାଟେରୀ ଚାଳିତ ୩ ଚକିଆ ଗାଡି, ଟ୍ରାଇ ସାଇକେଲ, ଶ୍ରବଣ ଯନ୍ତ୍ର, ମୋବାଇଲ, ଲାପଟପ ଓ କୃତ୍ରିମ ଅଙ୍ଗ ପ୍ରଦାନ ପାଇଁ ପଞ୍ଜୀକୃତ ହୋଇଥିବା ଭିନ୍ନକ୍ଷମଙ୍କୁ ଏକ ମାସ ପରେ ସାମଗ୍ରୀ ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

# ନିମ୍ନମାନ ରାସ୍ତା କାର୍ଯ୍ୟକୁ ନେଇ ଅସନ୍ତୋଷ



ସିଂହପୁର,୨୬।୭
(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମଲିଆ ବଳଭଦ୍ରପୁର ରାସ୍ତା ଉନ୍ନତୀକରଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଠିକା ସଂସ୍ଥା ନିମ୍ନମାନର ଗୋଡ଼ି, ଡଷ୍ଟ, ସିମେଣ୍ଟ ବ୍ୟବହାର କରି ରାସ୍ତା ନିର୍ମାଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ୧୯ କୋଟି ୪୦ ଲକ୍ଷ ୩୦ ହଜାର ୨୩୮ ଟଙ୍କା ବିନିମୟରେ ନିର୍ମାଣ ହେଉଥିବା ଏହି ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠୁଛି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟିଦେବାକୁ ଦାବି ହୋଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ କାର୍ଯ୍ୟ ଚଳିତ ବର୍ଷ ଶେଷ ହେବ

ଚଣ୍ଡିଖୋଲ,୨୬।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହାଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ କାର୍ଯ୍ୟ ୨୦୧୭ରୁ ଆରମ୍ଭ ହୋଇଛି। ଏହାମଧ୍ୟରେ ୭ ବର୍ଷ ବିତିଯାଇଥିଲେ ବି ଅଦ୍ୟାବଧି କାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ। ଏନେଇ ଶୁକ୍ରବାର ବଡ଼ଚଣା ବିଧାୟକ ଅମର କୁମାର ନାୟକ ବିଧାନସଭାରେ ପ୍ରଶ୍ନଉଠାଇଛନ୍ତି। ତାଙ୍କ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା କାର୍ଯ୍ୟ ଶେଷ ହେବ। ୨୦୧୫ରେ ସରକାର ଉତ୍କଳ ବିଶ୍ୱବିଦ୍ୟାଳୟର ପରିବର୍ଦ୍ଧିତ କ୍ୟାମ୍ପସ ନିର୍ମାଣ ସମ୍ପର୍କରେ ପ୍ରସ୍ତାବ ଆଣିଥିଲେ। ୨୦୧୭ରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ଗ୍ରାମରେ ୬୬ ଏକର ପରିମିତ ଜମିରେ ଗ୍ରାମୀଣ କ୍ୟାମ୍ପସ ନିର୍ମାଣ ଆରମ୍ଭ ହୋଇଥଲା। ୧୦୧ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି କ୍ୟାମ୍ପସ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ବର୍ତ୍ତମାନ ସୁଦ୍ଧା ୭୦ ଲକ୍ଷ ଟଙ୍କା ରାଜ୍ୟ ସରକାର ପ୍ରଦାନ କରିସାରିଲେଣି। ୬୦ରୁ ୭୦ଭାଗ କାର୍ଯ୍ୟ ସରିଲାଣି। ଏହାର ବିଭିନ୍ନ ଏକାଡେମୀ ବିଲ୍‌ଡିଂ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି। ୨୦୧୮ରୁ ଅସ୍ଥାୟୀ ଭାବରେ ବାବା ଭୈରବା ନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୩ଟି ପାଠ୍ୟକ୍ରମ ପାଠ ପଢା ଚାଲିଛି। ଛାତ୍ରୀଛାତ୍ରମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ୨୦୨୪ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ସେଠାରେ ଶିକ୍ଷାଦାନ ଚାଲିବ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

# ଅଧାରେ ଅଟକିଲା କେନାଲ ପାଣି

କାଏମା,୨୬।୭(ଶିବପ୍ରସାଦ ମହାନ୍ତି)

- ସଫା ହୋଇନି କେନାଲ
- ବର୍ଷାପାଣିରେ ଚାଲିଛି ଚାଷ କାର୍ଯ୍ୟ

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶାନ୍ତି ବଜାରଠାରୁ ଡେରାବର ପର୍ଯ୍ୟନ୍ତ ଯାଇଥିବା ସବ୍‌ମାଇନର କେନାଲ ସଫେଇ ହୋଇ ନ ଥିବାରୁ ଅଧାରେ ଅଟକି ରହିଛି କେନାଲ ପାଣି। ଫଳରେ ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ମୁତାବକ, ଧର୍ମଶାଳା ଅଞ୍ଚଳର ଅନେକ ଜମି କେନାଲ ପାଣି ଦ୍ୱାରା ଜଳସେଚନ କରାଯାଇ ଚାଷ କାର୍ଯ୍ୟ ହୋଇଥାଏ। କେତେକ ସ୍ଥାନରେ ମେନ୍ କେନାଲ, ମାଇନର କେନାଲ ଓ ସବ୍‌ମାଇନର କେନାଲ ମାଧ୍ୟମରେ ଜଳସେଚନ ବିଭାଗ ପକ୍ଷରୁ ଚାଷ ଜମିଗୁଡିକୁ ପାଣି ଯୋଗାଇ ଦିଆଯାଇଥାଏ। ଚଳିତ ବର୍ଷ ଅନେକ ସ୍ଥାନରେ ପାଣି ଅଭାବ ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାବେଳେ ଗତ ୧୫ ତାରିଖରେ ହାଇଲେଭଲ କେନାଲରେ ପାଣି ଛଡ଼ାଯାଇଛି। ୫ଦିନ ମଧ୍ୟରେ ମାଇନର କେନାଲ ମାଧ୍ୟମରେ ପାଣି ଯୋଗାଇ ଦିଆଯିବାକଥା। ହେଲେ ୫ଦିନ ବଦଳରେ ୧୦ଦିନ ପରେ ମାଇନର ଓ ସବମାଇନର କେନାଲରେ ପାଣି ଆସିଛି, କିନ୍ତୁ ଶେଷ ମୁଣ୍ଡରେ ପହଞ୍ଚି ପାରିନାହିଁ। କେତେକ ସ୍ଥାନରେ କେନାଲ ବନ୍ଧ ଭାଙ୍ଗିଗଲାଣି ତ ଆଉ କେତେକ ସ୍ଥାନ ସଫା ହୋଇ ପାରିନାହିଁ। ଏହା ମଧ୍ୟରୁ ଶାନ୍ତି ବଜାରଠାରୁ ଡେରାବର ପର୍ଯ୍ୟନ୍ତ ଯାଇଥିବା ସବମାଇନର କେନାଲର ଅବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

ଏହି କେନାଲର ଶେଷ ସୀମା ଡେରାବର ହୋଇଥିବାବେଳେ ୧୦ ବର୍ଷରୁ ଅଧିକ ହେବ ଏହି ଶେଷ ସୀମାକୁ ପାଣି ପହଞ୍ଚିପାରୁନି। ଏହି ସ୍ଥାନରେ ୫୦ଏକରରୁ ଅଧିକ ଚାଷ ଜମି ରହିଛି ଓ ଅନେକ ଚାଷୀ ପ୍ରତିବର୍ଷ ଜଳକର ଦେଉଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ଦୁଇ ଦିନ ହେବ ଏହି ସବ୍‌ମାଇନର କେନାଲରେ ପାଣି ଆସି ନୀଳାଦେଇପୁର ଓ ଅଚ୍ୟୁତପୁର ନିକଟରେ ଅଟକି ରହିଛି। କେନାଲ ମଧ ଭାଗ ଓ ଉପର ଅନାବନା ଗଛରେ ଭର୍ତ୍ତି ହୋଇ ଜଙ୍ଗଲ ସଦୃଶ ରହିଛି। ପାଣି ଆସିବା ପୂର୍ବରୁ କେନାଲ ସଫା କରାଯିବା କଥା। କିନ୍ତୁ କେନାଲ ସଫା ହୋଇ ନଥିବାରୁ ପାଣି ଆସି ଅଧାରେ ଅନାବନା ଗଛ ଲତାରେ ରହିଯାଇଛି। ଦୁଇ ଦିନ ହେବ ଲଘୁଚାପଜନିତ ବର୍ଷା ହେଉଛି। ଏହାଦ୍ୱାରା କେନାଲ ପାର୍ଶ୍ୱରେ ଥିବା ଅନେକ ଚାଷୀ ବର୍ଷା ଜଳରେ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ଏହା ଉପରେ ଉପରିସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀ ଦେବେନ୍ଦ୍ର ରାଉତ, ପଞ୍ଚାନନ ରାଉତ, ଅନନ୍ତ ସାହୁ, ଯୁଧିଷ୍ଠିର ନାୟକ, ଅଜୟ ରଣା, କୁଳମଣି ବେହେରା, ବଟକୃଷ୍ଣ ସାହୁ, ନରହରି ସାହୁ, ରବୀନ୍ଦ୍ର ବେହେରା ଓ ମକରଧ୍ୱଜ ବେହେରା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଜାରକା ଜଳସେଚନ ବିଭାଗ ଏସ୍‌ଡିଓ ଭାଗବତ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ସବ୍‌ମାଇନର କେନାଲର ଶାନ୍ତିବଜାରଠାରୁ ଡେରାବାର ଶେଷ ମୁଣ୍ଡ ପର୍ଯ୍ୟନ୍ତ ପାଣି ନ ଯିବା କଥାରେ ସତ୍ୟତା ନାହିଁ। ଏବର୍ଷ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ କେନାଲ ସଫା କରାଯାଉଛି। ଆଗକୁ କେନାଲ ସଫା ହେବା ପରେ ପାଣି ଶେଷ ମୁଣ୍ଡରେ ପହଞ୍ଚିବ।



କେନାଲ ତଳ ମୁଣ୍ଡ ଶୁଖିଲା ପଡ଼ିଛି।

# ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ମନ୍ଥର, ବଢୁଛି ଜନଅସନ୍ତୋଷ


ପୁରୁଣା ବସ୍‌ଷ୍ଟାଣ୍ଡ।


ନିର୍ମାଣାଧୀନ ମଡେଲ ବସ୍‌ଷ୍ଟାଣ୍ଡ।

ପଟ୍ଟାମୁଣ୍ଡାଇ, ୨୬।୭ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପ୍ରତ୍ୟକ କ୍ଷେତ୍ରରେ ଅବହେଳା ହେଉଥିବାରୁ ଦିନକୁ ଦିନ ଜନଅସନ୍ତୋଷ ବୃଦ୍ଧି ପାଉଛି। ପଟ୍ଟାମୁଣ୍ଡାଇକୁ ପୌରାଞ୍ଚଳର ମାନ୍ୟତା ମିଳିବା ଦୀର୍ଘ ୩୩ ବର୍ଷ ବିତିଗଲାଣି। କିନ୍ତୁ ଏଠି ବସ୍‌ଷ୍ଟାଣ୍ଡ ନାହିଁ। ପୁରୁଣା ବସ୍‌ଷ୍ଟାଣ୍ଡ ଅଚଳ ହୋଇ ପଡିଥିବା ବେଳେ ନୂତନ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି। ୨୦୦୫ଠାରୁ ବସ୍, ଟ୍ୟାକ୍ସିଗୁଡ଼ିକ ପୁରୁଣା ଓ ନୂଆ ବାଇପାସ ଛକକୁ ଷ୍ଟପେଜ କରି ଆସୁଛନ୍ତି। ଦୀର୍ଘଦିନ ପରେ ସରକାର ଏହି ସ୍ଥାନରେ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ନେଲେ। ଏ ବାବଦରେ ବ୍ୟୟ ବରାଦ କରାଯାଇ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ କର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଏହା ଏବେ ମନ୍ଥର ଗତିରେ ଚାଲୁଥିବା ବେଳେ ବିଳମ୍ବ ହେଉଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପଟ୍ଟାମୁଣ୍ଡାଇ ବାସିନ୍ଦା ଉପେନ୍ଦ୍ର ନାୟକ, ଅମୂଲ୍ୟ ପରିଡା, ଶିବ ମଲିକ ପ୍ରମୁଖ କହିଛନ୍ତି, ୨୦୦୫ରେ ପଟ୍ଟାମୁଣ୍ଡାଇ ବସ୍‌ଷ୍ଟାଣ୍ଡ ପାଇଁ ମାତ୍ର ୯୦ ଡିସିମିଲ ଜମି ରଖାଯାଇ ଅବଶିଷ୍ଟ ଜମିକୁ ସରକାର ତଥା ରାଜ୍ୟ ସଡ଼କ ଓ ପରିବହନ ବିଭାଗ ଲିଜ୍ ଆକାରରେ ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରିଥିଲେ। ଏହାଦ୍ୱାରା ବସ୍‌ଷ୍ଟାଣ୍ଡ ପାଇଁ ଜାଗା ସଂକୀର୍ଣ୍ଣ ହୋଇଯିବାରୁ ଏହା ବନ୍ଦ ହୋଇପଡିଥିଲା। ପଟ୍ଟାମୁଣ୍ଡାଇରେ ଏକ ବସ୍‌ଷ୍ଟାଣ୍ଡର ଆବଶ୍ୟକତା ଅନୁଭବ କରି ୨୦୧୯ ସେପ୍ଟେମ୍ବର ୨୯ରେ ତତ୍କାଳୀନ ପଞ୍ଚାୟତିରାଜ ଓ ଆଇନମନ୍ତ୍ରୀ ପ୍ରତାପ ଜେନା ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମଧ୍ୟ ବସ୍ ଷ୍ଟାଣ୍ଡଟି କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥିଲା। ପଟ୍ଟାମୁଣ୍ଡାଇଠାରେ ଏକ ଅତ୍ୟାଧୁନିକ ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦୀର୍ଘଦିନ ହେବ ଦାବି କରିଆସୁଥିଲେ। ଏହାର ଦୀର୍ଘବର୍ଷ ପରେ ସରକାର ୮କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୨ ଏକର ୨୦ ଡିସିମିଲ ଜାଗାରେ ପଟ୍ଟାମୁଣ୍ଡାଇରେ ଏକ ଅତ୍ୟାଧୁନିକ ସ୍ମାର୍ଟ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରି ବାଣିଜ୍ୟ ଓ ପରିବହନ ବିଭାଗକୁ ଅନୁଦାନ ଯୋଗାଇ ଦେଇଥିଲେ। ୨୦୨୩ ଅଗଷ୍ଟ ୨୩ ପରିବହନ ବିଭାଗ ଭିତ୍ତିପ୍ରସ୍ତର ଦେବା ସହ କାର୍ଯ୍ୟାରମ୍ଭ କରିଥିଲେ ସୁଦ୍ଧା କାହିଁକି କାମରେ ବିଳମ୍ବ ହେଉଛି ତାକୁ ନେଇ ନାନା କଥା ଆଲୋଚନା ଚାଲିଛି। ବୁଦ୍ଧିଜୀବୀ ଅନନ୍ତ ଦାଶ, ପାରେଶ୍ୱର ସେଠୀ କହିଛନ୍ତି, ପଟ୍ଟାମୁଣ୍ଡାଇର ଲୋକମାନେ କଟକ, ଭୁବନେଶ୍ୱର ଆଦି ଅଞ୍ଚଳ ଯିବା ଆସିବା କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳର ବହୁ ଲୋକ କଟକ ଓ ଭୁବନେଶ୍ୱରରେ ଚାକିରି କରିଥିବାରୁ ଘରୋଇ ଗାଡିରେ ଅଧିକ ଟଙ୍କା ଖର୍ଚ୍ଚ କରି ଯାଆଆସ କରୁଛନ୍ତି। ପଟ୍ଟାମୁଣ୍ଡାଇ ନୂଆ ବାଇପାସ ମୁଖ୍ୟ ରାସ୍ତାପାର୍ଶ୍ୱରେ ଏବେ ବସ୍ ଷ୍ଟପ୍ ଭାବେ କାମ ଚଳାଉଛି। ସେଠାରେ ବସ୍‌ଗୁଡିକ କିଛି ସମୟ ଅଟକି ପୁଣି ବାହାରି ଯାଉଛି। ଏକ୍‌କାଳୀନ ୩ଟି ବସ୍ ରହିଲା ଭଳି ଜାଗା ସେଠାରେ ନାହିଁ। ଏଥିସହ ଏହି କମ୍ ଜାଗାରେ ଟ୍ୟାକ୍ସି, ଅଟୋଗୁଡ଼ିକ ମଧ୍ୟ ଅଟକୁଛି। ରାସ୍ତାପାର୍ଶ୍ୱରେ ଖୁବ୍ କମ ଜାଗାରେ ଗାଡ଼ିଗୁଡ଼ିକ ପ୍ରବେଶ ଓ ପ୍ରସ୍ଥାନ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ମହିଳାପୁରୁଷ ପରିସ୍ରାଗାର, ଯାତ୍ରୀଙ୍କ ବସିବା ପାଇଁ ବିଶ୍ରାମାଗାର, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଆଦି ସୁବିଧା ନାହିଁ। ଫଳରେ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ସମ୍ପର୍କରେ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ ବସ୍ ଷ୍ଟାଣ୍ଡ କାର୍ଯ୍ୟ ହେଉଥିବା ବେଳେ ଏହା ଚାଲୁ ରହିଛି ବୋଲି ସେ କହିଛନ୍ତି।

## ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ହାତ ପାତୁଛନ୍ତି ୨ ବାଳକ

କେନ୍ଦ୍ରାପଡ଼ା, ୨୬।୭ (ଜଗନ୍ନାଥ ଧଳ)


ମା'ଙ୍କ ଶୁଦ୍ଧିକ୍ରିୟା ପାଇଁ ଆଶିଷ, ଦେବାଶିଷ ସହାୟତା ଲୋଡ଼ୁଛନ୍ତି।

ଗତ ୪ ବର୍ଷ ପୂର୍ବେ ବାପାଙ୍କ ମୃତ୍ୟୁ ହୋଇଥିଲା। ୯ ଦିନ ପୂର୍ବେ ମା'ଙ୍କ ମୃତ୍ୟୁ ହୋଇଛି। ୨ ଭାଇ ଆଶିଷ (୧୨) ଓ ଦେବାଶିଷ (୧୦) ପିତୃମାତୃ ହରା ହୋଇଛନ୍ତି। ମା'ଙ୍କ ଶୁଦ୍ଧିକ୍ରିୟା ସମ୍ପନ୍ନ ପାଇଁ ସେମାନଙ୍କ ପାଖରେ ଅର୍ଥ ନାହିଁ। ସେମାନେ ବାଧ ହୋଇ ଗ୍ରାମବାସୀ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଲୋଡୁଛନ୍ତି। ୨ ପୁଅଙ୍କ ଏପରି ହୃଦୟବିଦାରକ ଦୃଶ୍ୟ ମାର୍ଶାଘାଇ ବ୍ଲକ ନରେନ୍ଦ୍ରପୁର ଗ୍ରାମରେ ଦେଖିବାକୁ ମିଳିଛି। ମହାକାଳପଡା ୟୁଥ ଗ୍ରୁପ ପକ୍ଷରୁ ଏହି ଦୁଇ ଭାଇଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ କରାଯାଇଥିଲେ ମଧ୍ୟ କୌଣସି ତୁରନ୍ତ ସହଯୋଗ ମିଳି ପାରିନାହିଁ। ଏବେ ମା'ଙ୍କ ଶୁଦ୍ଧିକ୍ରିୟା ସହିତ ଆଗାମୀ ଭବିଷ୍ୟତ ପାଇଁ ସେମାନେ ଚିନ୍ତାରେ ଅଛନ୍ତି। ଏ ସମ୍ପର୍କରେ ୟୁଥ ଗ୍ରୁପର ସଦସ୍ୟ ଲକ୍ଷ୍ମୀକାନ୍ତ ସ୍ୱାଇଁ ଓ ରମାକାନ୍ତ ନାୟକ କହିଛନ୍ତି, ଦୁଇ ଭାଇଙ୍କ ବାପା ତ୍ରିଲୋଚନ ସେଠୀଙ୍କର ୪ ବର୍ଷ ପୂର୍ବେ ଫୁସ୍‌ଫୁସ୍ ରୋଗଜନିତ କାରଣରୁ ମୃତ୍ୟୁ ହୋଇଛି। ୯ ଦିନ ପୂର୍ବେ ମା' ନମିତାଙ୍କର ମୃତ୍ୟୁ ହୋଇଯାଇଛି। ଏମାନେ ଏବେ ଅସହାୟ ହୋଇପଡିଛନ୍ତି। ଘରେ କେହି ରୋଜଗାରକ୍ଷମ ନ ଥିବାରୁ ମା'ଙ୍କ ଶୁଦ୍ଧିକ୍ରିୟା ହୋଇପାରୁନାହିଁ। ସେହିପରି ଦୁଇ ଭାଇଙ୍କ ପାଠପଢ଼ାଠାରୁ ଆରମ୍ଭ କରି ଭବିଷ୍ୟତ ଏବେ ଅନ୍ଧାର ଦିଗକୁ ଗତି କରିଛି। ଗ୍ରାମବାସୀ ଓ ୟୁଥ ଗ୍ରୁପଙ୍କ ସହାୟତାରେ ଏପର୍ଯ୍ୟନ୍ତ ଚଳି ଆସିଥିଲେ ମଧ୍ୟ ବଦାନ୍ୟ ବ୍ୟକ୍ତି ଓ ସରକାରୀ ସହଯୋଗ ନ ମିଳିଲେ, ସେମାନଙ୍କ ଆଗାମୀ ଦିନରେ ଚଳିବା କଷ୍ଟକର ହୋଇପଡିବ। ଏମାନଙ୍କ ଥଇଥାନ ବ୍ୟବସ୍ଥା ପାଇଁ ଜିଲାପାଳଙ୍କୁ ଲିଖିତ ଅନୁରୋଧ କରାଯାଇଛି। ସମସ୍ତଙ୍କ ସହଯୋଗ ଏହି ୨ ଭାଇଙ୍କ ଭବିଷ୍ୟତ ଉଜ୍ଜ୍ୱଳ କରିପାରିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ କାର୍‌ଗିଲ ବିଜୟ ଦିବସ

ରାଜନଗର, ୨୬।୭ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାର୍ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ସୁରକ୍ଷା ମଞ୍ଚର ସ୍ମୃତି ରଞ୍ଜନ ସେଠୀ, ସୁକୁମାର ମାନ୍ନା, ପଦ୍ମ ଲୋଚନ ପରିଡା, ମନୋ ରଞ୍ଜନ ସ୍ୱାଇଁ, ସୌଭାଗିନୀ ଦାସ, ରଶ୍ମିତା ରାଉତ, ଝୁଲିଆ ସେଠୀ, ଝାନ୍ସୀ ନାୟକ, କାଜଲ ନାୟକ, ସୋନାଲୀ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ସେଠୀ, ଅଭିଷେକ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଳୁ କିଲୋ ୫୦ ଟଙ୍କା ସତ୍ତ୍ୱେ ମିଳୁନାହିଁ: ଖାଉଟି ହନ୍ତସନ୍ତ


ରାମନଗର ବଜାରରେ ଚାଷୀ ନିଜ ବାଡ଼ି ବଗିଚାରେ ପରିବା ଚାଷ କରି ବିକ୍ରି କରୁଛନ୍ତି।

ମହାକାଳପଡ଼ା, ୨୬।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

**ରାମନଗର ବଜାର ପରିବା ଚାଷୀ ମେଣ୍ଟାଉଛନ୍ତି ରୋଷେଇ ଶାଳ**

ଶ୍ରାବଣ ମାସରେ ବାଡ଼ି ବଗିଚାରେ ପନିପରିବା ଚାଷ କରି ଚାଷୀ ଭଲ ଦୁଇ ପଇସା ରୋଜଗାର କରିଥାନ୍ତି। ହେଲେ ବର୍ଷାର ଅନିୟମିତତା ଯୋଗୁ ବାଡ଼ି ବଗିଚାରେ ପନିପରିବା ଉତ୍ପାଦନ ହ୍ରାସ ପାଇଛି। ଯାହା ବାଡ଼ି ବଗିଚାରେ ଫଳୁଛି ତାହା ପୁଣି ଆକାଶ ଛୁଆଁ। ସେହିପରି ନିତ୍ୟ ବ୍ୟବହୃତ ରୋଷେଇ ଶାଳର ମୁଖ୍ୟ ପରିବା ଆଳୁ ଚାହିଦା ପୂରଣ କରେ। ହେଲେ ମହାକାଳପଡ଼ାର ବିଭିନ୍ନ ବଜାରରେ ଆଳୁ କିଲୋ ୫୦ ଟଙ୍କାରୁ ଅଧିକରେ ବିକ୍ରି ହେଉଛି। ବିଶେଷ କରି ୨ରୁ ୩ ଦିନ ମଧ୍ୟରେ ବଜାରରୁ ଆଳୁ ଉଭାନ ହେବାକୁ ବସିଲାଣି। ଫଳରେ ଖାଉଟି ହନ୍ତସନ୍ତ ହେଉଛନ୍ତି। ଆଳୁ କୋଲକାତାରୁ ଆମଦାନୀ ବନ୍ଦ ହେବାରୁ ବଜାରରେ ଦର ଆକାଶଛୁଆଁ ହୋଇଛି। କେତେଜଣ ଅସାଧୁ ବ୍ୟବସାୟୀ ଆଳୁ ଦରକୁ ଅଧିକ ଦରରେ ବିକ୍ରି କରୁଥିବା ନେଇ ଖାଉଟିମାନେ କହିଛନ୍ତି। ସେହିପରି ଘରୋଇ ବାଡ଼ି ବଗିଚାରେ ଚାଷୀମାନେ ଭେଣ୍ଡି କିଲୋ ପ୍ରତି ୬୦ଟଙ୍କା, ପୋଟଳ ୬୦, ବାଇଗଣ ୮୦, କଲରା ୮୦, ଜହ୍ନି ୬୦, କଞ୍ଚା କଦଳୀ ଗୋଟା ୧୦, ବିଭିନ୍ନ ଶାଗ ବିଡା ୧୦, ଛଞ୍ଚିନ୍ଦ୍ରା ୬୦, କଖାରୁ ୪୦, ସାରୁ ୬୦, ଫୁଲ କୋବି ଗୋଟା ୮୦, କାକୁଡ଼ି ୮୦, ବାଡ଼ି କାଙ୍କଣ ୧୫୦, ସଜନା କିଲୋ ୧୨୦, ଗାଜର ୮୦, କଞ୍ଚା ଲଙ୍କା କିଲୋ ୨୫୦, କୁନ୍ଦୁରି କିଲୋ ପ୍ରତି ୬୦ ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ସାଧାରଣ ଖାଉଟି ଦୈନିକ ଅଧିକ ଦରରେ ପରିବା କ୍ରୟ କରିବାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ପ୍ରଶାସନ ପନିପରିବା ଦର ବୃଦ୍ଧି ନିୟନ୍ତ୍ରଣ କରିବା ପାଇଁ ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ ଓ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ବ୍ଲକର ରାମନଗର, ଜମ୍ଭୁ, ଛପାଲି, ବାବର, ବିଜୟନଗର, ଜଗରିଯୋର ହାଟ, ବେଣାକନ୍ଧା, ଓରତ, ଓସ୍ତର, ତନ୍ତିଆପାଳ ହାଟ, ମଙ୍ଗଳପୁର ବଜାର ପନିପରିବା ଦର ବୃଦ୍ଧି ପାଇଛି।

## ଶହୀଦ ସଚ୍ଚିଦାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ରାଜକନିକା, ୨୬।୭(ସଞ୍ଜୟ କୁମାର ଦାଶ)

**କାର୍‌ଗିଲ ବିଜୟ ଦିବସ**

୧୯୯୯ରେ କାର୍ଗିଲଠାରେ ଭରତ ଓ ପାକିସ୍ତାନ ଯୁଦ୍ଧରେ ଭାରତ ଜୁଲାଇ ୨୬ରେ ବିଜୟୀ ହୋଇଥିଲା। ଏହି ଜୁଲାଇ ୨୬କୁ ଭାରତ କାର୍ଗିଲ ବିଜୟ ଦିବସ ଭାବେ ପାଳନ କରିଆସୁଛି। ଯୁଦ୍ଧରେ ଦେଶ ମାତୃକାର ରକ୍ଷା କରିବା ପାଇଁ ଦ୍ରାସ ସେକ୍ଟରରେ ଜୁନ ୨୮ରେ ଶତ୍ରୁମାନଙ୍କ ସହିତ ଲଢେଇ କରି କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଚରପଡା ପଞ୍ଚାୟତ କଣ୍ଡିଆ ଗାଁର ସଚ୍ଚିଦାନନ୍ଦ ମଲିକ ଶହୀଦ ହୋଇଥିଲେ। ଶୁକ୍ରବାର ୨୫ତମ କାର୍ଗିଲ ବିଜୟ ଦିବସରେ ସଚ୍ଚିଦାନନ୍ଦ ସ୍ମୃତି କମିଟି ପକ୍ଷରୁ କଣ୍ଡିଆଠାରେ ଥିବା ଶହୀଦ୍ ସଚ୍ଚିଦାନନ୍ଦ ସ୍ମୃତି ଉଦ୍ୟାନ ପରିସରରେ ଏକ ସଭା କରଯାଇଥିଲା। ସ୍ମୃତି କମିଟିର ସଭାପତି ଶିବରାମ ଦାସ, ବିଡିଓ ପୃଥିରାଜ ପରିଡା, ସରପଞ୍ଚ ଧୀରେନ ଜେନା ଓ କଣ୍ଡିଆ ଫାଣ୍ଡି ଅଧିକାରୀ ଦେବାଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶହୀଦ୍ ସ୍ତମ୍ଭ ଓ ଶହୀଦ୍‌ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଉପସ୍ଥିତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଶହୀଦ ସଚ୍ଚିଦାନନ୍ଦଙ୍କ ଦେଶ ପ୍ରେମ ଓ ବୀରତ୍ୱର ଗାଥା କହିବା ସହ ତାଙ୍କର ସ୍ମୃତି ଚାରଣ କରିଥିଲେ।


ଶହୀଦ ସ୍ମୃତିସ୍ତମ୍ଭ ନିକଟରେ କାର୍‌ଗିଲ ବିଜୟ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ପିଲାମାନେ।

## ପାରାଦୀପ ବନ୍ଦର, ମିଳିତ ଟ୍ରେଡ୍ ୟୁନିୟନର ଗଣଧାରଣା



ପାରାଦୀପ, ୨୬।୭ (ଶରତ ରାଉତ)

ବନ୍ଦର କର୍ମଚାରୀମାନଙ୍କ ମଜୁରି ସଂଶୋଧନ ଉପରେ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତିକୁ ବିରୋଧ କରାଯାଇଛି। ଏନେଇ ଶୁକ୍ରବାର ପାରାଦୀପର ସମସ୍ତ ଟ୍ରେଡ ୟୁନିୟନ ପକ୍ଷରୁ ପ୍ରଶାସନିକ ଭବନ ଆଗରେ ଗଣଧାରଣା ଦିଆଯାଇଥିଲା। ମିଳିତ ଟ୍ରେଡ ୟୁନିୟନ କୋ-ଅର୍ଡିନେଶନ କମିଟି ପକ୍ଷରୁ ଏହି ଧାରଣା ସହ ଏକ ଦାବିପତ୍ର କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି। ଏଥିରେ ପ୍ରମୁଖ ୭ ଦଫା ଦାବି ରହିଛି। ଯଥା ବୃହତ୍ ବନ୍ଦର କର୍ମଚାରୀମାନଙ୍କ ନୂତନ ବେତନ ସଂଶୋଧନ ତୁରନ୍ତ ଲାଗୁ କରିବା, ପିଏଲ୍‌ଆର୍ ରାଜିନାମା ଅନୁଯାୟୀ, ଗତ ୩ ବର୍ଷର ବୋନସ ପ୍ରଦାନ, ବନ୍ଦର ଶିଳ୍ପକୁ ଯେପରି ଘରୋଇକରଣ କରାଯାଉଛି ତାକୁ ବନ୍ଦ କରିବା, ଠିକା ନିଯୁକ୍ତି ବନ୍ଦ କରିବା, ପୁରୁଣା ପେନ୍‌ସନ ସ୍କିମ ଲାଗୁ କରିବା, ୫ ବର୍ଷରୁ ଅଧିକ କାମ କରୁଥିବା ଶ୍ରମିକଙ୍କୁ ରେଗୁଲାର କରିବା, ମେଣ୍ଟେନାନ୍ସ ଓ ଅପରେଶନ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ପାଇଁ ଗ୍ରାଚ୍ୟୁଇଟି ଆଇନ ଲାଗୁ କରିବା ଆଦି ଦାବି ରହିଛି। ଏନେଇ ଦେଶର ସମସ୍ତ ବୃହତ୍‌ବନ୍ଦର ମଧ୍ୟରେ ଗଣଧାରଣା କରାଯାଇଛି। ଶ୍ରମିକନେତା ବିଭୂତି ମହାରଣା, ନିମାଇଁ ବରାଳ, କୁଶଚରଣ ସୂତାର, ଉଲ୍ଲାସ ସ୍ୱାଇଁ, ସୁନୀଲ ଦାସ, ଅଖିଳ ଚନ୍ଦ୍ର ନାଥ ପ୍ରମୁଖ ଏହି ଧାରଣା ଓ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ଅଙ୍ଗନୱାଡି କର୍ମୀ, ସହାୟିକାଙ୍କୁ କାରଣ ଦର୍ଶାଅ ନୋଟିସ

ନାଉଗାଁ, ୨୬।୭ (ସୁଧା ବେହୁରା)

**୨୫ ଓ ୨୬ ଜୁଲାଇରେ ବନ୍ଦ ରହିଥିଲା ଅଙ୍ଗନୱାଡି କେନ୍ଦ୍ର**

ନାଉଗାଁ ଅନ୍ତର୍ଗତ ଚକୁଳିପଡା ଅଙ୍ଗନୱାଡି କେନ୍ଦ୍ର ଗତ ୨ ଦିନ ହେବ ବନ୍ଦ ରହିଥିଲା। ଏସଂକ୍ରାନ୍ତରେ ସିଡିପିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଚିଠି (ନଂ. ୫୨୯ /୨୬।୭।୨୦୨୪)ରେ ଅଙ୍ଗନୱାଡି କର୍ମୀ ଆଶାଲତା ଦାସ ଓ ସହାୟିକା କୁନି ଲତା ଜେନାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନୋଟିସ ପାଇବାର ୩ ଦିନ ମଧ୍ୟରେ ଲିଖିତ କୈଫିୟତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମାନୁସାରେ କର୍ମୀ କିମ୍ବା ସହାୟିକାଙ୍କ ସ୍ୱାସ୍ଥ୍ୟଗତ କିମ୍ବା ଅନ୍ୟ ଅସୁବିଧା ଥିଲେ ପଞ୍ଚାୟତର ସରପଞ୍ଚ, ୱାର୍ଡ ମେମ୍ବର, ଯାଞ୍ଚ କମିଟିକୁ ଲିଖିତ ଅବଗତ କରାଇବା ସହ ମୁଖ୍ୟ ପରିଦର୍ଶିକାଙ୍କୁ ଜଣାଇବେ। କିନ୍ତୁ ଉକ୍ତ କେନ୍ଦ୍ରର କର୍ମୀ ଓ ସହାୟିକା ୨୫ ଓ ୨୬ ଜୁଲାଇରେ ମନମୁଖୀ ଭାବେ କେନ୍ଦ୍ର ବନ୍ଦ ରଖିଥିଲେ ମଧ୍ୟ କାହାକୁ ଲିଖିତ ଭାବେ ଜଣାଇନାହାନ୍ତି। ଏପରି କାର୍ଯ୍ୟ ନୋଟିସ ପାଇବା ପରେ ଯାଞ୍ଚ କମିଟି ନିକଟରେ କୈଫିୟତ ପ୍ରଦାନ କରିବେ। ଅଭିଯୋଗକାରୀଙ୍କ ଲିଖିତ ପତ୍ର ନ ପାଇବା ପର୍ଯ୍ୟନ୍ତ ମାସିକ ମାନଦେୟ ସ୍ଥଗିତ ରଖାଯିବ ବୋଲି ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ନୋଟିସକୁ ସିଡିପିଓ ବାସନ୍ତୀ ମାଇନି ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କ ଅବଗତି ନିମନ୍ତେ ପଠାଇଛନ୍ତି। କେନ୍ଦ୍ର ବନ୍ଦ ରହିବା ସମ୍ପର୍କରେ ଅଙ୍ଗନୱାଡି କର୍ମୀ ଆଶାଲତା ଦାସଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

## ଉଠାଦୋକାନୀଙ୍କ ପାଇଁ ଭେଣ୍ଡିଂ କମିଟି ବୈଠକ

ପାରାଦୀପ, ୨୬।୭(ଶରତ ରାଉତ)




ପାରାଦୀପ ପୌରାଞ୍ଚଳରେ ଥିବା ୧୯ଟି ୱାର୍ଡର ଉଠାଦୋକାନୀଙ୍କ ପାଇଁ ଗୁରୁବାର ଭେଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌର ପ୍ରଶାସନିକ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଏଲ୍‌ଡିଏମ୍ (ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର) ଅନିଲ କୁମାର ଗୁପ୍ତା, ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୌର ପ୍ରଶାସନ ପକ୍ଷରୁ ୨୦୧୮/୧୯ରେ କରାଯାଇଥିବା ଅଣସଂଗଠିତ ଉଠାଦୋକାନୀ ସର୍ଭେ କରାଯାଇଥିଲା। ସେତେବେଳେ ୮୦୯ ଉଠାଦୋକାନୀ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କୁ ଗୁରୁବାର ବୈଠକରେ ପରିଚୟପତ୍ର, ସାର୍ଟିଫିକେଟ ଦିଆଯାଇଥିଲା। ଉକ୍ତ ସାର୍ଟିଫିକେଟ ଆଧାରରେ ଉଠାଦୋକାନୀମାନେ ସମସ୍ତ ସରକାରୀ ସୁବିଧା ସହ ବ୍ୟାଙ୍କ ଋଣ ଆଦି ପାଇପାରିବେ ବୋଲି ପୌରାଧ୍ୟକ୍ଷ ବିଶ୍ୱାଳ କହିଛନ୍ତି। ପୌରପରିଷଦ କେତେକ ସ୍ଥାନରେ ଭେଣ୍ଡିଂ ଜୋନ ବଜାର କରିଛି। ସେଠାରେ ଉଠା ଦୋକାନୀମାନେ ବ୍ୟବସାୟ କରିପାରିବେ।

## ଗୋଟିଏ ଗୃହରେ ୫ ଶ୍ରେଣୀ

ଡେରାବିଶ, ୨୬।୭ (ବେବର୍ତ୍ତା ଅଜୟ ଦାସ)



**କେଉଟକଣ୍ଡିଆ ପ୍ରାଥମିକ ବିଦ୍ୟାଳୟ**

- ବିଦ୍ୟାଳୟ ସମ୍ମୁଖ ରାସ୍ତା ଛାତ୍ରୀଛାତ୍ରଙ୍କ ପାଇଁ ପାଲଟିଛି ବିପଦ

ତୃଣମୂଳସ୍ତରରୁ ଶିକ୍ଷାର ଭିତ୍ତିଭୂମି ସୁଦୃଢ଼ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାମାନ ପ୍ରଣୟନ କରାଯାଇଛି। ମାତ୍ର ଏବେ ବି ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ଶ୍ରେଣୀ ଗୃହ ନ ଥିବା ଯୋଗୁ ବାରଣ୍ଡା ଓ ଗୋଟିଏ ଗୃହରେ ୫ ଶ୍ରେଣୀର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ। ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର କେଉଟକଣ୍ଡିଆ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ ସମସ୍ୟା ଘେର ଭିତରେ ରହିଛି। ଆବଶ୍ୟକ ଶ୍ରେଣୀ ଗୃହ ନ ଥିବା ବେଳେ ଅସରାଏ ବର୍ଷା ହେଲେ ବିଦ୍ୟାଳୟକୁ ଯାଇଥିବା ରାସ୍ତା ପିଲାମାନଙ୍କ ପାଇଁ ବିପଦ ପାଲଟିଯାଏ।

୧୯୭୫ରେ ସ୍ଥାପିତ ଏହି ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ୫ଟି ଶ୍ରେଣୀ ଚାଲିଛି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ୫୩ ରହିଛି। ସେମାନଙ୍କ ଶିକ୍ଷାଦାନ ପାଇଁ ୨ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ମାତ୍ର ଶ୍ରେଣୀ ଗୃହ ଅଭାବ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ମିତ ଗୋଟିଏ ଗୃହରେ ଓ ବାରଣ୍ଡାରେ ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ କରୁଛନ୍ତି। ଯେଉଁଥିପାଇଁ ଶିକ୍ଷାଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ଯାହାକୁ ନେଇ ଅଭିଭାବକ ଓ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକ ଗୃହ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ବ୍ଲକ ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ନିକଟରେ ଦାବି ହୋଇ ଆସୁଥିଲେ ମଧ୍ୟ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟକାନ୍ତ ସେଠୀ କହିଛନ୍ତି। ସୂର୍ଯ୍ୟକାନ୍ତଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ହେବ ଏକ ଅର୍ଦ୍ଧନିର୍ମିତ ଗୃହକୁ ସମ୍ପୂର୍ଣ୍ଣ କରିବାକୁ ବିଡିଓଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଛି। ସେହିପରି ପିଲାଙ୍କ ମଧ୍ୟାହ୍ନଭୋଜନ ପାଇଁ ରୋଷେଇ ଘର ନ ଥିବାରୁ ଭଙ୍ଗା ଆଜ୍‌ବେଷ୍ଟସ ପକାଯାଇ ବର୍ତ୍ତମାନ ଭୋଜନ ପ୍ରସ୍ତୁତ ହେଉଛି। ବେଳେବେଳେ ଶ୍ରେଣୀ ଗୃହରେ ପିଲାଙ୍କୁ ଖାଦ୍ୟ ପରିବେଷଣ କରାଯାଉଥିବା ଗ୍ରାମର ପ୍ରଦୀପ୍ତ କୁମାର ସେଠୀ କହିଛନ୍ତି। ପ୍ରଦୀପ୍ତଙ୍କ କହିବା ଅନୁଯାୟୀ, ୩ବର୍ଷ ତଳେ ପିଲାଙ୍କ ପାଇଁ ନିର୍ମିତ ହୋଇଥିବା ଶୌଚାଳୟ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି ଶୌଚାଳୟ କାମ କରିବା ପାଇଁ କାର୍ଯ୍ୟାଦେଶ ପାଇଥିବା ଠିକାଦର ଅର୍ଦ୍ଧନିର୍ମିତ ଅବସ୍ଥାରେ ଛାଡ଼ି ପଳାଇଛନ୍ତି। ବିଦ୍ୟାଳୟକୁ ସଂଯୋଗ କରିଥିବା ରାସ୍ତାଟି ବିପଦପୂର୍ଣ୍ଣ ଥିବାବେଳେ ଏହି ବର୍ଷାରେ କର୍ଦ୍ଦମାକ୍ତ ହୋଇ ପଡୁଥିବାରୁ ପିଲାମାନେ ପଡ଼ି ଆହତ ହେବାର ନଜିର ମଧ୍ୟ ରହିଛି। ଗୁରୁବାର ୨ ଛାତ୍ର ଏହି ରାସ୍ତାରେ ପଡ଼ି ନିଜ ପୋଷାକ କାଦୁଅ ହୋଇଯାଇଥିବାରୁ ଖାଲି ଦେହରେ ପାଠ ପଢୁଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରୁ ବିଦ୍ୟାଳୟ ରାସ୍ତା ଓ ଗୃହ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ଦିଆଯାଇଛି। ଏହି କାମ କିପରି ଶୀଘ୍ର ହୋଇପାରିବ ସେ ନେଇ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

# ବିପଦସଙ୍କୁଳ ୫ ଶ୍ରେଣୀଗୃହକୁ ଭଙ୍ଗାଯାଉନି

- ନାରାୟଣୀ ଉଚ୍ଚ ବିଦ୍ୟାଳୟରେ ବଢ଼ୁଛି ଅବ୍ୟବସ୍ଥା
- ଲାଇବ୍ରେରି କକ୍ଷରେ ପାଠ ପଢ଼ୁଛନ୍ତି ଛାତ୍ରୀଛାତ୍ର
- ଭିଆରଏସ୍ ଆବେଦନ କରି ଆସୁନାହାନ୍ତି ପ୍ରଧାନ ଶିକ୍ଷକ

ନୟାଗଡ଼,୨୬।୭(ଲୋକନାଥ ମିଶ୍ର)






ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶ୍ରେଣୀଗୃହ ବିପଦସଙ୍କୁଳ ଥିବାରୁ ଛାତ୍ରୀଛାତ୍ରମାନେ ଲାଇବ୍ରେରିରେ ବସି ପଢ଼ୁଛନ୍ତି।

ନୟାଗଡ଼ ବ୍ଲକ ଇଟାମାଟି ନାରାୟଣୀ ସରକାରୀ ଉଚ୍ଚ ବିଦ୍ୟାଳୟ ନାନା ସମସ୍ୟାରେ ଛନ୍ଦି ହୋଇପଡ଼ିଛି। ଏଠାରେ ପ୍ରଥମଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୧୦ଟି କ୍ଲାସ ରହିଥିବାବେଳେ ପ୍ରଥମଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଅବ୍ୟବସ୍ଥା ଦେଖା ଦେଇଛି। ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀ କକ୍ଷ ବିପଦସଙ୍କୁଳ ହୋଇପଡ଼ିଛି। ସ୍କୁଲ ପଛ ପାଖରେ ଥିବା ଘରର ଲାଟିନ ପାଣି ଆସି ବିପଦସଙ୍କୁଳ ଘରେ ଜମା ହେଉଛି। ଇଟାମାଟି ପଞ୍ଚାୟତ ପଡିଆ ପାଣି ସ୍କୁଲ ଭିତରେ ବର୍ଷା ହେଲେ ଜମି ରହି ଅପରିଷ୍କାର ପରିବେଶ ସୃଷ୍ଟି ହୋଇଛି। ବିପଦସଙ୍କୁଳ ଶ୍ରେଣୀ କକ୍ଷରୁ ଛାତ୍ରୀଛାତ୍ରଙ୍କୁ ସ୍ଥାନାନ୍ତର କରାଯାଇ ଲାଇବ୍ରେରୀ କକ୍ଷ ପରି ବିଭିନ୍ନ କକ୍ଷରେ ଅବସ୍ଥାପିତ କରାଯାଇଛି। ସେପଟେ ବିପଦସଙ୍କୁଳ ଶ୍ରେଣୀ କକ୍ଷକୁ ଭାଙ୍ଗିବା ପାଇଁ ସ୍କୁଲ ପକ୍ଷରୁ ବାରମ୍ବାର ବିଡିଓ, ବିଇଓ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଯାବତ ସୁଫଳ ମିଳିନି। ଅନ୍ୟପକ୍ଷେ ପ୍ରଧାନ ଶିକ୍ଷକ କଳ୍ପନା କୁମାରୀ ଦେବୀ ଭିଆରଏସ୍ ପାଇଁ ଆବେଦନ କରି ୨୦୨୪ ଏପ୍ରିଲ ୧ରୁ ସ୍କୁଲକୁ ଆସୁନାହାନ୍ତି। ସ୍କୁଲ ଦାୟିତ୍ୱରେ ଜଣେ ସହକାରୀ ଶିକ୍ଷକ ଥିବାବେଳେ ତାଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଛି। ଏହି ବିଦ୍ୟାଳରେ ପ୍ରଥମରେ ୪, ୨ୟ ଶ୍ରେଣୀରେ ୨୩, ତୃତୀୟରେ ୧୮, ଚତୁର୍ଥରେ ୫୫, ୫ମରେ ୨୧, ୬ଷ୍ଠରେ ୬୨, ୭ମରେ ୩୯, ୮ମରେ ୬୯, ୯ମରେ ୧୨୫ ଓ ଦଶମରେ ୧୦୨ ଛାତ୍ରୀଛାତ୍ର ଏପରି ମୋଟରେ ୫୧୮ ଛାତ୍ରୀଛାତ୍ର ପାଠ ପଢ଼ୁଛନ୍ତି।

## ପାଚିକା, ସହାୟିକା ନିଯୁକ୍ତି ପାଇଁ ଲାଞ୍ଚ ଅଭିଯୋଗ

ଇଟାମାଟି ନାରାୟଣୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଚିକା ଓ ସହାୟିକା ନିଯୁକ୍ତି ପାଇଁ ଲାଞ୍ଚ କରାବାର ଅଭିଯୋଗ ହୋଇଛି। ସେହିପରି ପାଚିକା ଓ ସହାୟିକା ନିଯୁକ୍ତି ସମ୍ପର୍କରେ ସ୍କୁଲ ପରିଚାଳନା କମିଟିର ସଦସ୍ୟମାନେ ଅବଗତ ନ ଥିବା ଅନୁରୂପ ଅଭିଯୋଗ ଉଠିଛି। କେବଳ ସ୍କୁଲରେ ତରବରିଆ ନୋଟିସ୍ ମାରି ପାଚିକା ଓ ସହାୟିକା ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆ ଯାଇଥିବା କୁହାଯାଉଛି। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷକ ମମତା ତ୍ରିପାଠୀ କୁହନ୍ତି, ପାଚିକା ଓ ସହାୟିକା ନିଯୁକ୍ତି ହୋଇନାହିଁ। ଆମ ସ୍କୁଲରେ ୫୧୮ ଜଣ ଛାତ୍ରୀଛାତ୍ର ଥିବାରୁ ୨ ପାଚିକା ଓ ୨ସହାୟିକା ରହିପାରିବେ ବୋଲି ଅନୁମତି ମିଳିଛି। ତେବେ ଏବେ ଯେଉଁ ପାଚିକା ଓ ସହାୟିକା ଅଛନ୍ତି ସେମାନଙ୍କର କାର୍ଯ୍ୟକାଳ ଜୁଲାଇରେ ଶେଷ ହୋଇଯାଉଥିବାରୁ ଆମେ ୪ଜଣ ମହିଳାଙ୍କର ନାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଖକୁ ପଠାଇଥିଲୁ। ଏ ନେଇ ଆମେ ସ୍କୁଲ ପରିଚାଳନା କମିଟିରେ ଆଲୋଚନା କରିଛୁ। ଏହାର ପ୍ରୋସଡିଂ ରହିଛି। ତେବେ ଏଠାକୁ ନୂଆ କରି ଆସିଥିବାରୁ କିଛି ତ୍ରୁଟି ରହିଥିବା ଜାଣିବାକୁ ପାଇଛୁ। ଯାହାକି ବିଇଓଙ୍କ ସହ ଆଲୋଚନା କରି ସଂଶୋଧନ କରାଇ ନେବୁ। ତେବେ ପାଚିକା ଓ ସହାୟିକା ନିଯୁକ୍ତି ପାଇଁ ଆମେ କାହାଠାରୁ ଲାଞ୍ଚ ନେଇନାହୁଁ। ସମ୍ପୃକ୍ତ ଅଭିଯୋଗର ସତ୍ୟତା ନାହିଁ। ଅପରପକ୍ଷେ ପ୍ରଥମରୁ ୫ମ ଶ୍ରେଣୀ କକ୍ଷ ବିପଦସଙ୍କୁଳ ହୋଇ ରହିଛି। ବିପଦସଙ୍କୁଳ ଗୃହ ଭାଙ୍ଗିବା ନେଇ ଆମେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଇଛୁ ବୋଲି କହିଛନ୍ତି। ୫ଟି ଶ୍ରେଣୀ କକ୍ଷ ବିପଦସଙ୍କୁଳ ହୋଇ ରହିବା ପରେ ପାଠପଢ଼ା ପାଇଁ ଶ୍ରେଣୀ କକ୍ଷର ଅଭାବ ରହିଛି। ଅନ୍ୟପକ୍ଷେ ଭିଆରଏସ୍ ପାଇଁ ଆବେଦନ କରିଥିବା ପ୍ରଧାନ ଶିକ୍ଷକ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ଅସୁବିଧା ହେଉଥିବାକୁ ସ୍ୱୀକାର କରିଥିଲେ। ନୟାଗଡ଼ ବିଇଓ ନିମାଇଁ ଚରଣ ପ୍ରଧାନଙ୍କୁ ପଚାରିବାରେ ଇଟାମାଟି ନାରାୟଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଥମରୁ ୫ମ ଶ୍ରେଣୀ ଗୃହ ବିପଦସଙ୍କୁଳ ନେଇ ବିଡିଓଙ୍କୁ ଅବଗତ କରାଯାଇଛି। ଶ୍ରେଣୀଗୃହ ଭଙ୍ଗା ଯିବାକୁ ପଦକ୍ଷେପ ନିଆଯାଉଛି। ପ୍ରଧାନଶିକ୍ଷକ କଳ୍ପନା କୁମାରୀ ଦେବୀ ଭିଆରଏସ ପାଇଁ ଆବଦେନ କରି ଜିଲା ଶିକ୍ଷା ଅଧିକାରୀଙ୍କୁ ଦରଖାସ୍ତ ଦେଇ ଛୁଟିରେ ଅଛନ୍ତି। ଅନ୍ୟଜଣେ ଶିକ୍ଷକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଅପରପକ୍ଷେ ପାଚିକା ଓ ସହାୟିକା ନିଯୁକ୍ତି ପାଇଁ ଲାଞ୍ଚ କାରବାର ହୋଇଥିବା ଓ ଏହା ଠିକ୍‌ରେ ହୋଇ ନ ଥିବା ଅଭିଯୋଗ ମିଳିଛି। ତେବେ ଲିଖିତ ଅଭିଯୋଗ ମିଳିନି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ହୋମ୍‌ଗାର୍ଡ ମୃତ

ଖଣ୍ଡପଡ଼ା,୨୬।୭(ଅଜୟ କୁମାର ମହାରଣା)

କଣ୍ଟିଲୋ–ଖଣ୍ଡପଡ଼ା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବରକୋଳି ଛକ ନିକଟରେ ଶୁକ୍ରବାର ଦୁର୍ଘଟଣାରେ ଜଣେ ହୋଇଗାର୍ଡଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଣ୍ଡପଡ଼ା ଥାନା ଅଧୀନ ମର୍ଦ୍ଦରାଜପୁର ଗ୍ରାମର ବିଶ୍ୱଜିତ ସାହୁ(୪୬)। ସୂଚନା ଯୋଗ୍ୟ, ବିଶ୍ୱଜିତ ଖଣ୍ଡପଡା ଥାନାର ହୋମଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ଏକ ବାଇକ୍ ଯୋଗେ ମର୍ଦ୍ଦରାଜପୁର ଗ୍ରାମ ଅଭିମୁଖେ ଫେରୁଥିବା ବେଳେ ବେପରୁଆ ଗାଡି ଚାଳନା ଯୋଗୁ ରାସ୍ତା ପାର୍ଶ୍ୱସ୍ଥିତ ଏକ ବିଦ୍ୟୁତ୍ ଖୁଣ୍ଟରେ ବାଇକଟି ପିଟି ହୋଇଯାଇଥିଲା। ଫଳରେ ରାସ୍ତା ଉପରେ ସେ ଛିଟିକି ପଡିଥିଲେ। ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ନା ଆତ୍ମହତ୍ୟାକୁ ନେଇ ସନ୍ଦେହ**

ଦଶପଲ୍ଲା,୨୬।୭ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଥାନା ଅନ୍ତର୍ଗତ ଟାକେରା କୁଟିବାରି ଗ୍ରାମ ନିକଟ ଜଙ୍ଗଲରୁ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଯୁବକ ଜଣଙ୍କ ଆତ୍ମହତ୍ୟା କରିଛନ୍ତି ନାଁ ତାଙ୍କୁ କେହି ହତ୍ୟା କରି ଗଛରେ ଟାଙ୍ଗି ଦେଇଛି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସେ ହେଲେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ବ୍ରାହ୍ମଣୀ ଗାଁର ଶୈଶବ ସାହୁ ଙ୍କ ପୁଅ ଗୋବିନ୍ଦ ସାହୁ (୨୪)। ଜଣେ ଯୁବକଙ୍କ ମୃତଦେହ ଏକ ବର ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଛାନଭିନ ଆରମ୍ଭ କରିଥିବା ବେଳେ ଗଛମୂଳରେ ଏକ ବ୍ୟାଗ୍ ଥୁଆ ହୋଇଥିବା ଦେଖିବାକୁ ମିଳିଥିଲା। ସେଥିରୁ ଯୁବକଙ୍କ ପରିଚୟ ମିଳିଥିଲା। ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା (୨୫/୨୪) ରୁଜୁ କରିଛି। ଦଶପଲ୍ଲା ମେଡିକାଲରେ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି।

### ଝରଦେଇ ଜଙ୍ଗଲରେ ହାତୀ ପଲ

ନୟାଗଡ଼,୨୬।୭(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜ ଦର୍ପନାରାୟଣପୁର ଫରେଷ୍ଟର କାର୍ଯ୍ୟାଳୟ ଅଧୀନରେ ଥିବା ଝରଦେଇ ଜଙ୍ଗଲରେ ଶୁକ୍ରବାର ରାତିରେ ଏକ ହାତୀପଲକୁ ଦେଖିବାକୁ ମିଳିଛି। ହାତୀପଲରେ ଛୋଟ ବଡ ମିଶି ୧୨ଟି ହାତୀ ରହିଛନ୍ତି। ହାତୀପଲ ଝରଦେଇ ଜଙ୍ଗଲ ପାଖରେ ହୋଇଥିବା ଆଖୁ ଫସଲ ନଷ୍ଟ କରୁଥିଲେ। ଚାଷୀ ଜାଣିବା ପରେ ଘଉଡାଇବାରୁ ହାତୀପଲ ନୋତର ପାର୍ଶ୍ୱବର୍ତ୍ତୀ ନନ୍ଦପୁର ଅଞ୍ଚଳକୁ ପଳାଇ ଯାଇଛନ୍ତି। ରାତିରେ ହାତୀପଲକୁ ଦେଖି ଚାଷୀ ରାତି ଅନିଦ୍ରା ହୋଇ ଆଖୁ ଫସଲକୁ ଜଗି ରହିଛନ୍ତି।

# ୪ ଦିନରେ ଲିଟରେ ପାଣି ପିଇ ଲଢ଼ୁଥିଲେ ଯୁଦ୍ଧ



କାର୍‌ଗିଲ ବିଜୟ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

**ଗାୟତ୍ରୀ ବିଦ୍ୟାମନ୍ଦିରରେ କାର୍‌ଗିଲ ବିଜୟ ଦିବସ**

ଓଡ଼ଗାଁ,୨୬।୭
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପନ୍ତୀଖାରି ପଞ୍ଚାୟତର ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରରେ ଶୁକ୍ରବାର ବିଦ୍ୟାମନ୍ଦିର ପ୍ରତିଷ୍ଠାତା ସଭାପତି ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ୨୫ ତମ କାର୍‌ଗିଲ ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଦ୍ୟୁତିକୃଷ୍ଣ ଦାଶ, ସତ୍ୟନାରାୟଣ ସାହୁ, କୁବେର ବାରିକ, କୀର୍ତ୍ତନ ଜେନା ଏବଂ ସେନାରେ କାର୍ଯ୍ୟରତ ପ୍ରଦୀପ ସେନାପତି, ସାରସ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅବସର ନେଇଥିବା ଭେଟେରାନମାନେ ସେମାନଙ୍କର କାର୍‌ଗିଲ ଯୁଦ୍ଧର ଲୋମହର୍ଷଣକାରୀ ଦୃଶ୍ୟ ଓ ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍‌ଗିଲ ଯୁଦ୍ଧର ଅଂଶଗ୍ରହଣ କରିଥିବା ସେନାନୀମାନେ ୪ ଦିନରେ ଗୋଟିଏ ଲିଟର ପାଣି ପିଇ ଯୁଦ୍ଧ ଲଢ଼ୁଥିଲେ। ଯୁଦ୍ଧ ସରିବା ପରେ ସାଥୀମାନଙ୍କୁ ହରାଇଥିବା ଦୁଃଖ ଅନୁଭବ ହେଉଥିଲା ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କାର୍‌ଗିଲ ଶହୀଦଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ସେନାନୀଙ୍କୁ ବିଜୟ ଟୀକା ସହିତ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପିଲାଙ୍କୁ ଆଗାମୀଦିନରେ ଅଗ୍ନିବୀରରେ ଯୋଗଦେଇ ଦେଶ ମାତୃକାର ସେବା କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଦ୍ୟାମନ୍ଦିର ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ।

ସେହିପରି ଓଡଗାଁ ବ୍ଲକ ଶହୀଦ ସ୍ମୃତିସ୍ତମ୍ଭ ନିକଟରେ କାର୍‌ଗିଲ ବିଜୟ ଦିବସ ଅବସରରେ ସମୂହ ଦୀପଦାନ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମାନସ କୁମାର ସାହୁ, ଅନନ୍ତ ସାହୁ, ନୀଳମାଧବ ଆଚାର୍ଯ୍ୟ, ପ୍ରବୀର ନାୟକ, କୃଷ୍ଣ ସାହୁ, ରମେଶ ବାରିକ, ବୁଲୁ ପ୍ରଧାନ, ଲିଙ୍ଗରାଜ ନାୟକ, ସତ୍ୟଜିତ, ପ୍ରଦୀପ ପ୍ରଧାନ, ଆଶୁତୋଷ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ରାଜୀବ ଲୋଚନ ବରାଡ଼ କାର୍‌ଗିଲରେ ବଳିଦାନ ଦେଇଥିବା ବୀରମାନଙ୍କ ବୀରତ୍ୱର ଗାଥା କହିବା ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶେଷରେ ସମସ୍ତେ ଶହୀଦ ଯବାନ ଅମର ରହେ, ଭାରତ ମାତା କି ଜୟ ସ୍ଲୋଗାନ ଦେଇ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ।

## ୩୨ ନୁହେଁ, ଆଳୁ କେଜି ୬୦ ଟଙ୍କାରେ ବିକ୍ରି

ନୟାଗଡ଼,୨୬।୭(ଲୋକନାଥ ମିଶ୍ର)

ନୟାଗଡ଼ ସହରରେ ଶୁକ୍ରବାର ଆଳୁ କେଜି ୩୨ ଟଙ୍କା ନୁହେଁ ୬୦ ଟଙ୍କାରେ ବିକ୍ରି ହେଉଛି। ବିଭାଗୀୟ ମନ୍ତ୍ରୀ ଆଳୁ କେଜି ୩୨ ଟଙ୍କାରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ସରକାରୀ ନିର୍ଦ୍ଦେଶକୁ ଅଣଦେଖା କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଇଛନ୍ତିୟ। ତେବେ ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଉ ନ ଥିବାରୁ ସରକାରୀ ନିର୍ଦ୍ଦେଶକୁ ବ୍ୟବସାୟୀ ମାନୁନାହାନ୍ତି। ସହରରେ ଅଢ଼େଇ କିଲୋ ଆଳୁକୁ ୧୪୫ ଟଙ୍କାରେ ବିକ୍ରି ହେଉଛି। କିଛିଦିନ ହେଲା ପନିପରିବାର ଦର ବଢ଼ି ଚାଲିଛି। ଖାଉଟି ଆଳୁ ସମେତ ପନିପରିବା କିଣିବାକୁ ହଇରାଣ ହେଉଛନ୍ତି।

## ସାମାଜିକ କର୍ମୀଙ୍କ ପରଲୋକ

ଖଣ୍ଡପଡ଼ା,୨୬।୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଗୋଲାବୋଦସା ଗ୍ରାମର ସାମାଜିକ କର୍ମୀ ସୁବାସ ଚନ୍ଦ୍ର ଦାଶ(୬୫)ଙ୍କର ଗୁରୁବାର ପରଲୋକ ହୋଇଯାଇଛି। ହଠାତ୍ ସେ ଅସୁସ୍ଥ ଅନୁଭବ କରିବାରୁ ଆଶୁ ଚିକିତ୍ସା ନିମନ୍ତେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦାଶଙ୍କ ବିୟୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଦାଶଙ୍କ ଏକମାତ୍ର ଝିଅ ବାଙ୍ଗାଲୋରରେ ଥିଲେ। ଖବରପାଇ ବିମାନ ଯୋଗେ ବୋଦସା ଗ୍ରାମକୁ ଆସି ବାପାଙ୍କ ଶେଷକୃତ୍ୟ ସମ୍ପନ୍ନରେ ସହଯୋଗ କରିବା ସହ ମୁଖାଗ୍ନି ଦେଇଥିବାରୁ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ସେବା ଯୋଗାଇବାର ଉତ୍ସାହ ହେଲେ, ସବୁଦିନ ଉତ୍ସବ ହେବ

ଓଡଗାଁ, ୨୬।୭( ଆଦର୍ଶ କୁମାର ପଟ୍ଟନାୟକ )

ସେବା ଯୋଗାଇବାର ଉତ୍ସାହ ହେଲେ, ସବୁଦିନ ସେବା ଉତ୍ସବ ହେବ। ସେବା ଉତ୍ସବ ଏମିତି ଏକ ପ୍ରୟାସ ଯେଉଁ ଉତ୍ସବ ସମାଜରେ ସେବା ଭାବନା ପାଇ ଉତ୍ସାହ ଭରିବ। ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ଜୁଲାଇ ୧୫ରୁ ଅନୁଷ୍ଠିତ ଅଷ୍ଟମ ବାର୍ଷିକ ଜିଲାବ୍ୟାପି ସେବା ଉତ୍ସବରେ ଯୋଗଦେଇ ମଞ୍ଚାସୀନ ଅତିଥିମାନେ ଏଭଳି ମତ ରଖିଛନ୍ତି। ଜୁଲାଇ ୧୫ଠାରୁ ଆରମ୍ଭ ହୋଇ ଜୁଲାଇ ୨୫ ଯାଏଁ ଅନୁଷ୍ଠିତ ହୋଇଯାଇଥିବା ଏହି ଜିଲାସ୍ତରୀୟ ଉତ୍ସବରେ ଜିଲାର ୨ ହଜାର ଲୋକଙ୍କୁ ଖାଦ୍ୟ, ବସ୍ତ୍ର, ରାଶନ ଓ ଆର୍ଥିକ ସହାୟତା ସାଙ୍ଗକୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଯାଇଥିଲା। ଚଳିତବର୍ଷ ଏହି ସେବା ଉତ୍ସବ ଜିଲାର ୮ଟି ବ୍ଲକ ପରିକ୍ରମା କରିଛି। ସେବା ଉତ୍ସବର ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ଅସହାୟ ଓ ଅଭାବ ଅନାଟନ ଭିତରେ ଥିବା ଲୋକଙ୍କୁ ରାଶନ, ଲୁଗା, ଚପଲ, ଛତା ଆଦି ଯୋଗାଇ ଦେଇଥିଲେ। ଜିଲାର ଛାମୁଣ୍ଡିଆ ଓ ମାର୍ଦାବାଡ଼ି ଗ୍ରାମରେ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିବା ବେଳେ ଏହି ଅବସରରେ ଅଙ୍ଗଦାନ ପାଇଁ ଲୋକମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ପରେ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ, ସହଭାଗିତାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଏହିକ୍ରମରେ ଅଷ୍ଟମ ବାର୍ଷିକ ଜିଲାବ୍ୟାପୀ ସେବା ଉତ୍ସବର ଉଦ୍‌ଯାପନୀ ଉତ୍ସବ ଓଡ଼ଗାଁ ରଘୁନାଥ ଜୀଉଙ୍କ ନାଟ ମଣ୍ଡପଠାରେ ସମାପିତ ହୋଇଯାଇଛି। ଏହି ସଭାରେ ସେବା ଉତ୍ସବ ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପରିବେଶବିତ ସୁକାନ୍ତ ଚୌଧୁରୀ, ସାମାଜିକ କର୍ମୀ ଦାମୋଦର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବାବେଳେ ଅନ୍ୟ ସେବା ସମିତି ସଦସ୍ୟ ପରମେଶ୍ୱର ସାହୁ, ଗୁଲସନ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଭୂପ୍ରସାଦ ଦାଶ ସଂଯୋଜନା କରିଥିଲେ। ପରେ ଓଡ଼ଗାଁ ଆତ୍ମା ଓ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ କୃଷି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ବ୍ଲକ ଆତ୍ମା ଅଧ୍ୟକ୍ଷଙ୍କ ସମେତ ଓଡ଼ଗାଁ ବ୍ଲକ କୃଷି ଅଧିକାରୀ ଯୋଗଦେଇଥିଲେ। ଶେଷରେ ସରକାରଙ୍କ ସଂସ୍କୃତି ବିଭାଗ ସହଭାଗିତାରେ ଓଁ ଶ୍ରୀ ଦୃଷ୍ଟିହୀନ ଲୋକ ସଙ୍ଗୀତ ଅନୁଷ୍ଠାନ, ଶିଳ୍ପୀ କଳା ନିକେତନ ଓ ଅନ୍ୟ ସାଂସ୍କୃତିକ ଦଳଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଏହାକୁ ସେବା ଉତ୍ସବ ସଦସ୍ୟ ଗୁଲସନ କୁମାର ଦାସ, ସୋମ୍ୟା ସ୍ୱୟଂପ୍ରଭା, ବର୍ଷା ପ୍ରିୟଦର୍ଶିନୀ, ଯୁଧିଷ୍ଠିର ବେହେରା, କରଣ ବଡତିଆ, ରବୀନ୍ଦ୍ର ମହାରଣା ପ୍ରମୁଖ ପରିଚାଳନା କରିଥିଲେ।



ସେବା ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିବିଶେଷ।

# ସମିତି ନିର୍ଦ୍ଦେଶକଙ୍କୁ ନ ଡାକି ସାଧାରଣ ବୈଠକ ଅଭିଯୋଗ

**ବାହାଡ଼ାଝୋଲା ସେବା ସମବାୟ ସମିତି**

ନୂଆଗାଁ, ୨୬।୭ (ଧନେଶ୍ୱର ସାହୁ)



ସମିତିର ନିର୍ଦ୍ଦେଶକମାନଙ୍କୁ ବୈଠକକୁ ଡକାଯାଇ ନ ଥିବାରୁ ଅଭିଯୋଗ କରୁଛନ୍ତି।

ନୂଆଗାଁ ବ୍ଲକ ବାହାଡାଝୋଲା ସେବା ସମବାୟ ସମିତିର ସାଧାରଣ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତିରେ ପୂର୍ବରୁ ସଭାପତି ଓ କେତେଜଣ ନିର୍ଦ୍ଦେଶକଙ୍କ ମଧ୍ୟରେ ତାଳମେଳ ରହୁ ନ ଥିଲା। ଉକ୍ତ ବୈଠକକୁ ଅନେକ ନିର୍ଦ୍ଦେଶକଙ୍କୁ ଡକା ଯାଇ ନ ଥିବା ଅଭିଯୋଗ ହୋଇଛି।

ଚାଷୀମାନଙ୍କ ଉନ୍ନତି ପାଇଁ ସମିତି ଗଠନ କରାଯିବା ସହ ଠିକ୍ ଭାବେ ଚଳାଇବା ପାଇଁ ନିର୍ଦ୍ଦେଶକ ଓ ସଭାପତି ଚୟନ କରାଯାଇଥାଏ। କିନ୍ତୁ ବାହାଡାଝୋଲା ସେବା ସମବାୟ ସମିତିରେ ଚାଷୀମାନଙ୍କ ସ୍ୱାର୍ଥ ଅପେକ୍ଷା ନିଜସ୍ୱାର୍ଥ ପାଇଁ ବାଦ ବିବାଦ ଲାଗି ରହିଛି। ବିଭିନ୍ନ ସମୟରେ ସଭାପତି ନିଜର ମନମାନି କରି ସୋସାଇଟିର ନିର୍ଦ୍ଦେଶକମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏ ନେଇ ନିର୍ଦ୍ଦେଶକମାନେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସହ ଧାରଣା ମଧ୍ୟ ଦେଇଥିଲେ। ସମିତିର ନିୟମାନୁସାରେ ପ୍ରତିବର୍ଷ ସମସ୍ତ ସଭ୍ୟ, ନିର୍ଦ୍ଦେଶକ ଓ ବିଭାଗୀୟ ଅଧିକାରୀମାନଙ୍କ ଉପସ୍ଥିତିରେ ସାଧାରଣ ବୈଠକ କରାଇ ଚାଷୀମାନଙ୍କ ସୁବିଧା ଅସୁବିଧା ବୁଝିବା ସହ ଚଳିତବର୍ଷର ଖସଡା ପ୍ରସ୍ତୁତ କରିବା କଥା। କିନ୍ତୁ ସଭାପତି ଚୟନର ଦୀର୍ଘ ୨ବର୍ଷ ପରେ ଶୁକ୍ରବାର ପ୍ରଥମ କରି ସାଧାରଣ ଅଧିବେଶନ କରାଯାଇଥିଲେ ମଧ୍ୟ ସେଠାକୁ ୧୪ ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ୮ ଜଣଙ୍କୁ ଡକାଯାଇ ନ ଥିଲା। ଏପରିକି ବୈଠକ ବାବଦରେ ସମିତି ସମ୍ପାଦକ କିମ୍ବା କୌଣସି ନିର୍ଦ୍ଦେଶକଙ୍କୁ ସୂଚନା ମଧ୍ୟ ଦିଆଯାଇ ନ ଥିଲା। ସମିତିରେ ସାଧାରଣ ବୈଠକର ବ୍ୟାନର ଲାଗିଥିବା ଦେଖି ସେମାନେ ସମିତିକୁ ଆସିଥିଲେ। ହେଲେ ସଭାପତି ଅଳ୍ପ କେତେଜଣ ନିର୍ଦ୍ଦେଶକଙ୍କୁ ନେଇ ଅନ୍ୟ ଏକ ସ୍ଥାନରେ ବୈଠକ କରିଥିବା କହିଛନ୍ତି, ନିର୍ଦ୍ଦେଶକ ନିରଞ୍ଜନ ସାହୁ , ସନ୍ତୋଷ ସାହୁ, ଅଖିଳ ସାହୁଙ୍କ ସମେତ ଅନ୍ୟ ନିର୍ଦ୍ଦେଶକ ଓ ସମ୍ପାଦକ ବିଷ୍ଣୁପ୍ରସାଦ ନିଶଙ୍କ କହିଛନ୍ତି। ସମ୍ପାଦକ ବୈଠକ ପାଇଁ ନୋଟିସ୍ କରିବା ନିୟମ ରହିଛି। ହେଲେ ତାଙ୍କ ଅଗୋଚରରେ କିଭଳି ବୈଠକ କରାଯାଉଛି ବୋଲି ବିଭାଗୀୟ ଅଧିକାରୀଙ୍କୁ ସମ୍ପାଦକ ନିଶଙ୍କ ଚିଠି ଲେଖିଛନ୍ତି। ନିର୍ଦ୍ଦେଶକଙ୍କୁ ବୈଠକ ବାବଦରେ ସୂଚନା ନ ଦେବା ସମ୍ପର୍କରେ ସମିତି ସଭାପତି ସୂର୍ଯ୍ୟନାରାୟଣ ସାହୁଙ୍କୁ ପଚାରିବାରେ ସମସ୍ତଙ୍କୁ ଜଣାଇଛି। କିଏ ଆସିବ ନ ଆସିବ ସେଇଟା ସେମାନଙ୍କ ଇଚ୍ଛା। ମୋ ଅଜାଣତରେ ଏବଂ ମୋ ବିନା ନିର୍ଦ୍ଦେଶରେ ସମିତିରେ ବହୁ କାର୍ଯ୍ୟ କରାଯାଉଛି। ସେ ବିଷୟରେ ଅଧିକାରୀମାନଙ୍କୁ ଜଣାଇଛି ବୋଲି ସଭାପତି ସାହୁ କହିଛନ୍ତି।

# ଯାତ୍ରୀ ବିଶ୍ରାମାଗାରକୁ ଭାଙ୍ଗିଦେଲେ, ନିର୍ମାଣ ହେଉନି

ଖଣ୍ଡପଡ଼ା,୨୬।୭
(ଅଜୟ କୁମାର ମହାରଣା)



ଭାଙ୍ଗି ଦିଆଯାଇଥିବା ଯାତ୍ରୀ ବିଶ୍ରାମାଗାର ଜାଗା।

ବିଭିନ୍ନ ଯାନବାହାନରେ ଯାତ୍ରା କରିବାକୁ ଅପେକ୍ଷା କରୁଥିବା ଯାତ୍ରୀ ଅଥବା ପଥଚାରୀଙ୍କ ଆଶ୍ରୟ ପାଇଁ କଣ୍ଟିଲୋ–ଗଣିଆ ୪୮ ନଂ. ରାଜ୍ୟ ରାଜପଥ କନାସିଂ(ରାଜକିଆରୀ) ଛକରେ ଏକ ଆଶ୍ରୟସ୍ଥଳ(ରେଷ୍ଟସେଡ) ଦୀର୍ଘବର୍ଷରୁ ନିର୍ମାଣ ହୋଇଥିଲା। ଏହାକୁ ଭାଙ୍ଗି ଦିଆଯାଇଥିବା ବେଳେ ନୂଆ କରି ନିର୍ମାଣ କରାଯାଉ ନ ଥିବାରୁ ବର୍ଷ ଦିନେ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି।

ସୂଚନାଯୋଗ୍ୟ, ଏହି ରାଜପଥ ଦେଇ ବିଭିନ୍ନ ଅଞ୍ଚଳରୁ ଆସୁଥିବା ବସ୍ ଯାତ୍ରୀମାନେ ରାଜକିଆରୀ ଛକରେ ଓହ୍ଲାଇ ଉକ୍ତ ଯାତ୍ରୀ ବିଶ୍ରମ ଗୃହ ଆଶ୍ରୟ ନେଉଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ଯାତ୍ରୀବାହୀ ଯାନବାହନରେ ସିଧାମୂଳା ସେତୁ ଦେଇ କଟକ ଜିଲାର ବିଭିନ୍ନ ଅଞ୍ଚଳକୁ ଯାତ୍ରା କରିଥାନ୍ତି। ବିଶେଷ କରି ବର୍ଷାଦିନେ ଅବା ଗ୍ରୀଷ୍ମ ପ୍ରବାହ ସମୟରେ ବିଭିନ୍ନ ଯାତ୍ରୀବାହୀ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଏଠାରେ ଅପେକ୍ଷା କରୁଥିଲେ। ତେବେ ଏହି ପୁରୁଣା ଯାତ୍ରୀ ବିଶ୍ରାମାଗାରକୁ ନୂତନ ଭାବେ ଗଢି ତୋଳିବା ଲକ୍ଷ୍ୟରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପ୍ରସ୍ତାବକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଥିଲା। ନିର୍ବାଚନ ପୂର୍ବରୁ ପ୍ରାୟ ୫ମାସ ହେଲା ନୂଆ ବିଶ୍ରାମାଗାର ନିର୍ମାଣ ଲକ୍ଷ୍ୟରେ ଏହି ପୁରୁଣା ବିଶ୍ରାମାଗାରକୁ ଭାଙ୍ଗି ଦିଆଯାଇଥିଲା। ମାତ୍ର ଦୀର୍ଘ ମାସ ଅତିବାହିତ ହୋଇଯାଇଥିଲେ ମଧ୍ୟ ନୂତନ ବିଶ୍ରାମାଗାର ନିର୍ମାଣ ନିମନ୍ତେ ଧ୍ୟାନ ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପ୍ରତି ବର୍ଷା ସମୟରେ ଅପେକ୍ଷାରତ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ୫ମାସ ତଳେ ବିପଦଶଙ୍କୁଳ ଅବସ୍ଥାରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ଭଙ୍ଗାଯିବା ପରେ ନୂତନ ଭଳାବେ ନିର୍ମାଣ ନିମନ୍ତେ ଅନୁଦାନ ଅର୍ଥ ମଞ୍ଜୁର ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କାର୍ଯ୍ୟ ଆଉ ଆଗେଇ ପାରୁନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ଯାତ୍ରୀବାହୀ ବସ୍ ସେବା ଆରମ୍ଭ ହେବା ପରେ ବିଭିନ୍ନ ସ୍ଥାନରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ନିମନ୍ତେ ଅନୁଦାନ ମିଳିଥିଲା। ଯାତ୍ରୀ ବିଶ୍ରାମାଗାର ଯୁଦ୍ଧ କାଳୀନ ଭିତ୍ତିରେ ନିର୍ମାଣ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷଙ୍କୁ ପଚାରିବାରେ ବିଭିନ୍ନ ପଞ୍ଚାୟତରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ସିଧାମୂଳା ପଞ୍ଚାୟତ କର୍ତ୍ତୃପକ୍ଷ ଏ ଦିଗରେ ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଯାତ୍ରୀ ବିଶ୍ରାମଗାରଟି ନିର୍ମାଣ ହୋଇ ପାରି ନ ଥିଲା। ଅନୁଦାନ ମିଳିଛି। ଖୁବ୍‌ଶୀଘ୍ର ନୂତନ ବିଶ୍ରାମାଗାର ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ବସ୍ ଯାତ୍ରୀ ହନ୍ତସନ୍ତ**

